Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:221✦8 December 2025 (Monday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୨୧✦୮ ଡିସେମ୍ବର ୨୦୨୫ (ସୋମବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଘଟଗାଁ ପୀଠରେ ପଡ଼ିଲା ବିକାଶର ନିଅଁ :

୩୧୨ କୋଟି ଟଙ୍କାର ପେଡ଼ି ଖୋଲି ଦେଲେ ମୁଖ୍ୟମନ୍ତ୍ରୀ, ଝଲସିବ ମା' ତାରିଣୀ ମନ୍ଦିର

କେନ୍ଦୁଝର,୭/୧୨(ନି/ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ମା' ତାରିଣୀ ପୀଠର ବିକାଶ ପାଇଁ ୩୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବହୁ ପ୍ରତୀକ୍ଷିତ ସୌଜନ୍ୟର୍ଯ୍ୟାଜନରେ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏଥିରେ ପାଖାପାଖି ୬୦ ଏକର ଅଞ୍ଚଳର ବିକାଶ କରାଯିବ ।ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନ, ଅବକାରୀ ଓ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଏକ ବିଶାଳ ରୋଡ୍ ?ସୋ' ଆସି ଘଟଗାଁ ତାରିଣୀ ପୀଠରେ ପହଞ୍ଚିଥିଲେ । ଏହାପରେ ମିନି ଷ୍ଟାଡିୟମରେ ସାଧାରଣ ସଭାକୁ ଉପବୋଧନ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ପ୍ରକଳ୍ପର ଶୁଭାରମ୍ଭ ତଥା ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ମା'ଙ୍କ ପୀଠ ସମେତ ପୂରା ଘଟଗାଁ ବଜାରକୁ ସୁସଜ୍ଜିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ବଦ୍ରୀନ୍ଦ୍ର ନାରାୟଣ ବେହେରା, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଆକାଶ ଦାସ ନାୟକ, ହିମାଂଶୁ ଶେଖର ସାହୁ, ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ପ୍ରମୁଖ ଯୋଗ ଦେଇଛନ୍ତି । ରାଜ୍ୟ ସରକାରଙ୍କ ଉଦ୍ୟମରେ ଘଟଗାଁ ହେବ ଓଡ଼ିଶାର ଏକ ପ୍ରମୁଖ ଆକର୍ଷଣୀୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଶକ୍ତି କେନ୍ଦ୍ର । ଯାତ୍ରୀ ସୁବିଧା, ରାସ୍ତା ଓ ଯୋଗାଯୋଗ, ପୁଷ୍କରିଣୀ ସମ୍ପୂରକ ବିକାଶ, ସୁଦୃଶ୍ୟ ବ୍ୟାଖ୍ୟାନ କେନ୍ଦ୍ର, ଯାତ୍ରୀନିବାସ, ପ୍ରାଚୀର ସହ ବର୍ଦ୍ଧାବସ୍ତୁ ପରିଚାଳନା ଯୋଜନା, ମନ୍ଦିର ଆଭ୍ୟନ୍ତରୀଣ ଓ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ବଡ଼ ବିକାଶ ଯୋଜନା ଏଥିରେ ଅନ୍ତର୍ଭୁକ୍ତ । ୨୧୬ ଶଯ୍ୟାବିଶିଷ୍ଟ ଯାତ୍ରୀନିବାସ, ୫୦୦ ଲୋକଙ୍କ ଏକସଙ୍ଗେ ପ୍ରସାଦସେବନ ବ୍ୟବସ୍ଥା, ନଡ଼ିଆ ଗୋଦାମ ସହିତ ମା' ତାରିଣୀ ମନ୍ଦିର ସମ୍ବନ୍ଧିତ ବ୍ୟାଖ୍ୟାନ କେନ୍ଦ୍ର ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ହେବ । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନରେ ଏହି ବିକାଶ ଯୋଜନା ପ୍ରସ୍ତୁତ ହୋଇଛି । ଏହା ସହ ଯାତ୍ରୀ ସୁବିଧା କେନ୍ଦ୍ର, ଖାଦ୍ୟ ପ୍ରାଙ୍ଗଣ, ଓ୍ୱାଚ୍ ଟାୱାର ନିର୍ମାଣ ହେବ ।ମା' ତାରିଣୀ ମନ୍ଦିର ସଂଲଗ୍ନ ଅଞ୍ଚଳର ବିକାଶ ସହ ଯାତ୍ରୀ ସୁବିଧା ପାଇଁ ପାଖ ଅଞ୍ଚଳରେ ଅନେକ ଆନୁଷଙ୍ଗିକ ବ୍ୟବସ୍ଥାର ଯୋଜନା ହୋଇଛି ଯଥା: ସୁଦୀର୍ଘ ପାର୍କିଂ ବ୍ୟବସ୍ଥା, ଜଳ ଯୋଗାଣ, ବିଦ୍ୟୁତ ଏବଂ ଆଲୋକୀକରଣ ବ୍ୟବସ୍ଥା, ଡ୍ରେନେଜ୍ ସୁବିଧା, ମନ୍ଦିର ସୀମା ପ୍ରାଚୀର ନିର୍ମାଣ, ଆଲୋକ ଓ ଧ୍ୱନି ବ୍ୟବସ୍ଥା ସହ ମନ୍ଦିର ଭିତରେ ଯାତ୍ରୀଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବାହାରୁ ଧାଡ଼ି ପରିଚାଳନା ଯୋଜନା ହୋଇଛି । ବୃହତ୍ ପୁଷ୍କରିଣୀର ବିକାଶ, ଛୋଟ ପୁଷ୍କରିଣୀ ତଥା ମନ୍ଦିର ପଛ ପାର୍ଶ୍ୱରେ ପୁଷ୍କରିଣୀ ଏବଂ ଶିଶୁ ଖେଳପଡ଼ିଆ ନିକଟ ପୁଷ୍କରିଣୀକୁ ସୁଦୃଶ୍ୟ କରିବାକୁ ଯୋଜନା ହୋଇଛି । ଜାତୀୟ ରାଜପଥ ତଥା ହରିଚନ୍ଦନପୁରକୁ ସଂଯୋଗ କରୁଥିବା ରାସ୍ତା ୧୨ ମିଟର ପ୍ରଶସ୍ତ କରାଯିବ । ମନ୍ଦିର ଆଭ୍ୟନ୍ତରୀଣ ସଂଯୋଗକାରୀ ରାସ୍ତାର ନବୀକରଣ ତଥା ଟ୍ରାଫିକ ବ୍ୟବସ୍ଥାକୁ ଉନ୍ନତ କରାଯିବ । ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ଐତିହାସିକ ହେବ ବୋଲି ସ୍ଥାନୀୟ ଲୋକମାନେ ମତବ୍ୟକ୍ତ କରିଛନ୍ତି । ଓଡ଼ିଶାର ଅର୍ଥନୀତି ବିକାଶରେ କେନ୍ଦୁଝର ଦୀର୍ଘ ବର୍ଷଧରି ଧରି ବଡ଼ ଭୂମିକା ନେଇ ଆସିଛି । କେନ୍ଦୁଝର ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବାରୁ ଲୋକଙ୍କ ମଧ୍ୟରେ ଅନେକ ଆଶା ଓ ଉତ୍ସାହ ରହିଛି । ମା'ତାରିଣୀ ମନ୍ଦିର ସଂଲଗ୍ନ ଅଞ୍ଚଳଗୁଡିକର ବିକାଶ ସହ ଯାତ୍ରୀ ସୁବିଧା ପାଇଁ ପାଖ ଅଞ୍ଚଳରେ ଅନେକ ଆନୁଷଙ୍ଗିକ ବ୍ୟବସ୍ଥାର ଯୋଜନା ହୋଇଛି ଯଥା: ସୁଦୀର୍ଘ ପାର୍କିଂ ବ୍ୟବସ୍ଥା, ଜଳ ଯୋଗାଣ, ବିଦ୍ୟୁତ ଏବଂ ଆଲୋକୀକରଣ ବ୍ୟବସ୍ଥା, ଡ୍ରେନେଜ୍ ସୁବିଧା, ମନ୍ଦିର ସୀମା ପ୍ରାଚୀର ନିର୍ମାଣ, ଆଲୋକ ଓ ଧ୍ୱନି ବ୍ୟବସ୍ଥା ସମେତ ମନ୍ଦିର ଭିତରେ ଯାତ୍ରୀଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବାହାରୁ ଧାଡି ପରିଚାଳନା ପାଇଁ ବ୍ୟବସ୍ଥା ଏହି ଯୋଜନାରେ ସାମିଲ ଅଛି । ପୁଷ୍କରିଣୀ ଆମ ଧର୍ମୀୟ ଭାବନାର ଅବିଚ୍ଛେଦ୍ୟ ଅଙ୍ଗ । ଏହାକୁ ଆମରେ ରଖି ବୃହତ୍ ପୁଷ୍କରିଣୀର ବିକାଶ, ଛୋଟ ପୁଷ୍କରିଣୀ ତଥା ମନ୍ଦିରର ପଛ ପାର୍ଶ୍ୱରେ ପୁଷ୍କରିଣୀ ଏବଂ ଶିଶୁ ଖେଳ ପଡ଼ିଆ ନିକଟରେ ପୁଷ୍କରିଣୀକୁ ସୁଦୃଶ୍ୟ କରାଯିବ । ସଡ଼କ ବିକାଶ ଏହି ଯୋଜନାର ପ୍ରମୁଖ ଅଙ୍ଗ । ଜାତୀୟ ରାଜପଥ ତଥା ହରିଚନ୍ଦନପୁରକୁ ୧୨ ମିଟର ଚଉଡ଼ା ରାସ୍ତା ସଂଯୋଗ କରିବ । ଏହା ସହ ମନ୍ଦିର ଆଭ୍ୟନ୍ତରୀଣ ସଂଯୋଗକାରୀ ରାସ୍ତାର ନବୀକରଣ ତଥା ଟ୍ରାଫିକ୍ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି ।

ଗୋଆ ଅଗ୍ନିକାଣ୍ଡ :

ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ଅନୁକମ୍ପା ଘୋଷଣା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୭/୧୨: ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ଘଟଣାରେ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ଅନୁକମ୍ପା ଘୋଷଣା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଡି (ପିଏମଏନଆରଏଫ)ରୁ ଆହତ ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ଲେଖାଏଁ ଦେବାକୁ ଘୋଷଣା କରିଛନ୍ତି ମୋଦୀ । ଅଗ୍ନିକାଣ୍ଡରେ ୨୩ ଜଣଙ୍କ ମୃତ୍ୟୁ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାଓ୍ୱନ୍ତଙ୍କ ସହ କଥା ହୋଇ ମୃତକଙ୍କ ପରିବାରକୁ ଅନୁକମ୍ପା ଘୋଷଣା କରିବ ସହ ଆହତ ବ୍ୟକ୍ତିଙ୍କୁ ସାହାଯ୍ୟ ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ସାଓ୍ୱନ୍ତ କହିଛନ୍ତି । ମୋଦୀ ଘଟଣାରେ ପ୍ରତିକ୍ରିୟା ରଖି ଏକ୍ସରେ ଲେଖିଛନ୍ତି, ଗୋଆର ଆରପୋରାରେ ଅଗ୍ନିକାଣ୍ଡ ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦ । ପ୍ରିୟଜନଙ୍କୁ ହରାଇଥିବା ସମସ୍ତ ପରିବାରକୁ ମୋର ସମବେଦନା ଜଣାଉଛି । ଆହତମାନେଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି ମୋଦି ଏକ୍ସରେ ପୋଷ୍ଟ କରିଛନ୍ତି । ଶନିବାର ବିଳମ୍ବିତ ରାତିରେ ବିର୍ଚ୍ଚାଲ ରୋମିଓ ଲେନରେ ଥିବା ଏକ ନାଇଟ୍‌କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୨୩ ଜଣଙ୍କର ମୃତ୍ୟୁ ହୋଇଥିଲା । ନାଇଟ୍‌କ୍ଲବ୍‌ଟି ଗତ ବର୍ଷହିସେବାରେ ଖୋଲିଥିଲା । ମୃତକଙ୍କ ମଧ୍ୟରୁ ଅଧିକାଂଶ କ୍ଲବର ଲୋଷେଲ କର୍ମଚାରୀ ଥିଲେ ଏବଂ ଏଥିରେ ତିନିଜଣ ମହିଳା ମଧ୍ୟ ଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ସାଓ୍ୱନ୍ତ କହିଛନ୍ତି । ମୃତକଙ୍କ ମଧ୍ୟରେ ତିନିରୁ ଚାରି ଜଣ ପର୍ଯ୍ୟଟକ ଥିବା ମଧ୍ୟ ସୂଚନା ରହିଛି ।

ୟୁକ୍ରେନ ଉପରେ ବଡ଼ ଆକ୍ରମଣ ଆରମ୍ଭ କଲା ରୁଷ :

୫୧ କ୍ଷେପଣାସ୍ତ୍ର ୬୦୦ରୁ ଅଧିକ ଡ୍ରୋନ୍ ଦ୍ୱାରା ବୋମା ମାଡ଼

କିଭ୍,୭/୧୨: ସଶସ୍ତ୍ର ବାହିନୀ ବିବସ ଅବସରରେ ରୁଷ ପକ୍ଷରୁ ୟୁକ୍ରେନ ଉପ ?ରେ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ସହିତ ଏକ ବଡ଼ ଆକ୍ରମଣ କରିଛି । ୟୁକ୍ରେନୀୟ ଅଧିକାରୀମାନେ କହିଛନ୍ତି ଯେ, ରୁଷ ସାରା ଦେଶରେ ୫୧ କ୍ଷେପଣାସ୍ତ୍ର ଏବଂ ୬୫୩ଟି ଡ୍ରୋନ୍ ଦ୍ୱାରା ଆକ୍ରମଣ କରିଛି ।ୟୁକ୍ରେନୀୟ ବାୟୁସେନା କହିଛି, ଆମେ ୫୮୫ଟି ଡ୍ରୋନ୍ ଏବଂ ୩୦ଟି କ୍ଷେପଣାସ୍ତ୍ରକୁ ସଫଳତାର ସହ ଖସାଇ ଦେଇଛୁ । ତଥାପି, ୨୯ଟି ଲକ୍ଷ୍ୟଭେଦ କରିଛି । ସୂଚନା ଦେଇ ୟୁକ୍ରେନୀୟ ଗୃହମନ୍ତ୍ରୀ ଇଗୋର୍ କ୍ଲିମେଙ୍କୋ କହିଛନ୍ତି, ସାରା ଦେଶରେ ୮ଜଣ ଆହତ ହୋଇଛନ୍ତି । ସ୍ଥାନୀୟ କର୍ତ୍ତୃପକ୍ଷ ରାଜଧାନୀ କିଭ୍ ଅଞ୍ଚଳରେ ୩ ଜଣ ଆହତ ହୋଇଥିବା ସୂଚନା ଦେଇଛନ୍ତି । ଲ୍ୱିଭ୍ ଅଂଚଳ ପର୍ଯ୍ୟନ୍ତ ପଶ୍ଚିମରେ ରୁଷୀୟ ଡ୍ରୋନ୍ ଦେଖାଯାଇଥିଲା । ୟୁକ୍ରେନର ଜାତୀୟ ଶକ୍ତି ଅପରେଟର, ୟୁକ୍ରେନାର୍ଗୋ କହିଛି, ରୁଷୀୟ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ରର ଆକ୍ରମଣ ବିଦ୍ୟୁତ୍ କେନ୍ଦ୍ର ତଥା ଶକ୍ତି ଲିଜିକ୍ୱିଡ୍‌କୁ ଟାର୍ଗେଟ କରିଥିଲା । ଶୀତ ଆରମ୍ଭ ହେବା ସହିତ ରୁଷ ୟୁକ୍ରେନର ଗ୍ରୀଡ୍ କ୍ଷତି କରିବାକୁ ଚେଷ୍ଟା କରୁଛି । ଲ୍ୱିଭ୍ କହିଛି, ଶୀତରେ ଲୋକଙ୍କୁ ସମସ୍ୟାରେ ପକାଇବାକୁ ରୁଷିଆ ଏଭଳି କରିଛି । ଆନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଇଏ) ଜାପୋରିଜିଆ ପରମାଣୁ ପ୍ଲାଣ୍ଟରେ କ୍ଷତି ହୋଇଥିବାର ରିପୋର୍ଟ କରାଯାଇଛି । ଆକ୍ରମଣ ସମୟରେ ବାହାର ବିଦ୍ୟୁତ୍ ଅସ୍ଥାୟୀ ଭାବରେ ନଷ୍ଟ ହୋଇଯାଇଥିଲା । ଯଦିଓ ରିଆକ୍ଟରଗୁଡ଼ିକ ବର୍ତ୍ତମାନ ବନ୍ଦ ଅଛି ତେବେ ପ୍ଲାଣ୍ଟର ଇନ୍ଧନକୁ ଥଣ୍ଡା କରିବା ।

ଟ୍ରକ୍-ବାଇକ୍ ଧକ୍କା : ସ୍ୱାମୀ ଆଗରେ ଚାଲିଗଲା ସ୍ତ୍ରୀର ଜୀବନ

ହରଭଙ୍ଗା,୭/୧୨(ନି/ପ୍ର):ବୌଦ୍ଧ ଜିଲ୍ଲା ହରଭଙ୍ଗା କ୍ଲବ ପୁରୁଣାଜଟକ ଥାନା ଅନ୍ତର୍ଗତ ଖୋର୍ଦ୍ଧା- ବଲାଙ୍ଗୀର ୫୬ ନମ୍ବର ଜାତୀୟ ରାଜପଥ ମାର୍ଦ୍ଦିଙ୍ଗ ନିକଟରେ ବାଇକକୁ ପଛପଟୁ ଧକ୍କା ଦେଲା ଟ୍ରକ । ଦୁର୍ଘଟଣାରେ ସ୍ତ୍ରୀର ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଆହତ ହୋଇଛନ୍ତି । ମୃତକ ଅପରାଜିତା ରାଉତ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ ଆଜି ସକାଳେ କନ୍ଧମାଳ ଜିଲ୍ଲା ଚକାପାଦ କ୍ଲବ ଚ୍ରାହୁଣପାଦ ଗାଁର ବିଭୂଷଣ ସାହୁ ଏବଂ ତାଙ୍କ ପତ୍ନୀ ଅପରାଜିତା ରାଉତ ଉଭୟ ଏକ ବାଇକ ଯୋଗେ ଚ୍ରାହୁଣ ପାଦରୁ ପୁରୁଣା ଜଟକ ସମ୍ପର୍କୀୟ ଘରକୁ ଯାଉଥିଲେ । ଦୁର୍ଭାଗ୍ୟବଶତଃ ସମାନ ଦିଗରୁ ଆସୁଥିବା ଏକ ଟ୍ରକ ତାଙ୍କୁ ମାର୍ଦ୍ଦିଙ୍ଗ ନିକଟରେ ଧକ୍କା ଦେଇଥିଲା । ଏଥିରେ ପତ୍ନୀ ଅପରାଜିତାଙ୍କୁ ଗୁରୁତର ଅବସ୍ଥାରେ ପୁରୁଣାଜଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ସୋରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱାମୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ପୁରୁଣା ଜଟକ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।

ହାଡ଼ଭଙ୍ଗା ଜାଡ଼ରେ ଥରୁଛି ଓଡ଼ିଶା ; ସପ୍ତାହେ ଯାଏଁ ଅଣ୍ଡାରୁ ନିସ୍ତାର ନାହିଁ

ଭୁବନେଶ୍ୱର,୭/୧୨(ନି/ପ୍ର) : ହାଡ଼ଭଙ୍ଗା ଜାଡ଼ରେ ଥରୁଛି ସାରା ଓଡ଼ିଶା । ଉପକୂଳୀୟ ପଶ୍ଚିମ ଏବଂ ପାହାଡିଆ ଅଞ୍ଚଳ, ସବୁଠି ଏବେ ଅସହ୍ୟ ଶୀତ ଲହରି ଜାରି ରହିଛି । ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ଯେଉଁଭଳି ଭାବେ ହ୍ରାସ ପାଇଛି, ତାହା ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ବିଶେଷ କରି କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ସବୁଠାରୁ କମ୍ ତାପମାତ୍ରା ରେକର୍ଡ କରାଯାଇଛି, ଯାହାକି ମାତ୍ର ୪.୪ ଡିଗ୍ରି ରହିଛି । ସେହିପରି ଲଣ୍ଡାଳ ନଗରୀ ରାଜରକେଲାରେ ମଧ୍ୟ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି, ଯେଉଁଠାରେ ପାରଦ ୭.୨ ଡିଗ୍ରିକୁ ଖସି ଆସିଛି । ରାଜ୍ୟର ଟ୍ୱିନ ସିଟି ଜଟକ ଓ ଭୁବନେଶ୍ୱରରେ ମଧ୍ୟ ଶୀତର ପ୍ରକୋପ ବୃଦ୍ଧି ପାଇଛି । ଜଟକରେ ୧୧.୯ ଏବଂ ଭୁବନେଶ୍ୱରରେ ୧୧.୯ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି, ଯାହା ଗତକାଲି ସହରବାସୀ କଲକଲ ହେଉଛନ୍ତି । ଅନ୍ୟାନ୍ୟ ସହର ମଧ୍ୟରେ ଝାରସୁଗୁଡ଼ାରେ ୭.୬, କେନ୍ଦୁଝରରେ ୯.୬, ସମ୍ବଲପୁରରେ ୧୨, ହାରାଜୁଦରେ ୧୩.୩, ବାଲେଶ୍ୱରରେ ୧୩.୬, ପାରାଦୀପରେ ୧୩.୯ ଏବଂ ଚାନ୍ଦବାଲିରେ ୧୪ ଡିଗ୍ରି ତାପମାତ୍ରା ରହିଛି । ଶୀତର ପ୍ରକୋପ ଏତେ ଅଧିକ ରହିଛି ଯେ, ସକାଳ ୯ଟା ପୂର୍ବରୁ ଗରୁ ବାହାରିବା ମୁସ୍କିଲ ହୋଇପଡୁଛି । ଦିନ ୪ଟା ପରେ ଥଣ୍ଡା ବାଘ ଭଳି ମାଡ଼ି ଆସୁଥିବାରୁ ସନ୍ଧ୍ୟା ହେବା ମାତ୍ରେ ରାସ୍ତାଘାଟ ଶୁନଶାନ୍ ହୋଇଯାଉଛି ।

ଦିଲ୍ଲୀ ମେଟ୍ରୋରୁ ଚୋରି ହୋଇଯାଇଥିବା ଶିଶୁ ୭ ମାସ ପରେ ଉଦ୍ଧାର

ନୂଆଦିଲ୍ଲୀ,୭/୧୨: ଦିଲ୍ଲୀ ମେଟ୍ରୋରେ ଦେଢ଼ ମାସର ଶିଶୁର ଅପହରଣ ଏବଂ ଚାଲାଣ ମାମଲାରେ ଶେଷରେ ଦିଲ୍ଲୀ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ଦିଲ୍ଲୀ ପୋଲିସର ମେଟ୍ରୋ ଷ୍ଟୁନିଟ୍ ମୁଖ୍ୟ ମହିଳା ଅଭିଯୁକ୍ତ ସମେତ ୫ ଜଣଙ୍କୁ ଗିରଫ କରିଛି । ଅପହୃତ ଶିଶୁକୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି ଏବଂ ତାଙ୍କ ମା ଏବଂ ପରିବାରକୁ ଫେରାଇ ଦିଆଯାଇଛି । ଦିଲ୍ଲୀ ପୋଲିସ ଅନୁଯାୟୀ, ଏହି ଘଟଣା ୪ ଜୁନ୍, ୨୦୨୫ ରେ ଘଟିଥିଲା । ସୁଯୋଗର ଫାଇଦା ଉଠାଇ ଜଣେ ମହିଳା ସୀଲମପୁର ମେଟ୍ରୋ ଷ୍ଟେସନରେ ନବଜାତ ଶିଶୁକୁ ତାଙ୍କ ମାଆଙ୍କଠାରୁ ଚୋରି କରି ନେଇଯାଇଥିଲେ । ପୀଡିତାଙ୍କ ଅଭିଯୋଗ ଆଧାରରେ ଶାହ୍ରୀ ପାର୍କ ମେଟ୍ରୋ ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ କରାଯାଇଥିଲା, କିନ୍ତୁ ବହୁ ପ୍ରୟାସ ସତ୍ତ୍ୱେ, ଅଭିଯୁକ୍ତ କିମ୍ବା ଶିଶୁର କୌଣସି ସନ୍ଧାନ ମିଳିଲା ନାହିଁ । ପରେ ମାମଲାଟି ମେଟ୍ରୋକୁ ହସ୍ତାନ୍ତର କରାଯାଇଥିଲା । ଦିଲ୍ଲୀ ପୋଲିସର ତଦନ୍ତ ସମୟରେ ଜଣାପଡିଥିଲା ଯେ ମୁଖ୍ୟ ଅଭିଯୁକ୍ତ ଦେବକୀ ପୋଲିସର ନଜରକୁ ଏଡାଇବା ପାଇଁ ଲଗାତାର ସ୍ଥାନ ପରିବର୍ତ୍ତନ କରୁଥିଲା । ପ୍ରାୟ ସାତ ମାସର କଠିନ ପରିଶ୍ରମ ପରେ, ପୋଲିସ ତାଙ୍କୁ ଉତର ପ୍ରଦେଶର ମହୋବା ଜିଲ୍ଲାର ଏକ ଭଡା ଘରୁ ଗିରଫ କରିଥିଲା । ପଚରାଉଚରା ସମୟରେ ଦେବକୀ ପ୍ରକାଶ କରିଥିଲେ ଯେ ସେ ଦିଲ୍ଲୀର ଆର୍ଯ୍ୟ ନଗର ଅଞ୍ଚଳରେ ଶିଶୁଟିକୁ ୧୫୦୦୦୦ରେ ବିକ୍ରି କରାଦେଇଥିଲା । ଶୀଲା ନାମକ ଜଣେ ମହିଳା ଏହି କାରବାରରେ ଦଲାଲ ଭାବରେ କାର୍ଯ୍ୟ କରିଥିଲେ । ଶିଶୁଟିକୁ କିଣିଥିବା ଦମ୍ପତି ଧୀର ସିଂହ ଏବଂ ତାଙ୍କ ସ୍ତ୍ରୀ ବନିତାଙ୍କୁ ମଧ୍ୟ ପୋଲିସ ଗିରଫ କରିଛି । ଦିଲ୍ଲୀ ପୋଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତ ଦେବକୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ପରେ ବନିତାଙ୍କଠାରୁ ଶିଶୁଟିକୁ ଉଦ୍ଧାର କରାଯାଇଥିଲା । ଶିଶୁଟିକୁ ଶିଶୁ କଲ୍ୟାଣ କମିଟି ସମ୍ମୁଖରେ ହାଜର କରାଯାଇଥିଲା ଏବଂ ଆଇନଗତ ପ୍ରକ୍ରିୟା ପରେ, ତାକୁ ତାଙ୍କ ମା' ଏବଂ ପରିବାରକୁ ଫେରାଇ ଦିଆଯାଇଥିଲା । ପୋଲିସ ଅଧିକାରୀଙ୍କ ଅନୁଯାୟୀ, ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା । ବର୍ତ୍ତମାନ ମାମଲାର ଅଧିକ ତଦନ୍ତ ଚାଲିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୋଲିସ ଅନୁଯାୟୀ, ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ କାହାରି ପୂର୍ବରୁ କୌଣସି ଅପରାଧିକ ରେକର୍ଡ ନାହିଁ ।

ସିଲିଣ୍ଡର ବିସ୍ଫୋରଣରୁ ଭୟଙ୍କର ଅଗ୍ନିକାଣ୍ଡ :

୩ ମହିଳାଙ୍କ ସମେତ ୨୩ ଜୀବନ୍ତ ଦଗ୍ଧ

ନୂଆଦିଲ୍ଲୀ,୭/୧୨: ଗୋଆରେ ଏକ ଲୋକପ୍ରିୟ ନାଇଟ୍ କ୍ଲବରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଗ୍ୟାସ୍ ସିଲିଣ୍ଡର ଫାଟିଯିବାରୁ ୨୩ ଜଣ ଜୀବନ୍ତ ଦଗ୍ଧ, ଏକାଧିକ ଆହତ ହୋଇଥିବାର ସୂଚନା ରହିଛି । ଗୋଆର ରାଜଧାନୀ ପଣଜୀଠାରୁ ପ୍ରାୟ ୨୫ କିଲୋମିଟର ଦୂରରେ ଏହି ଅଘଟଣ ଘଟିଛି । ତେବେ ଆହତଙ୍କଙ୍କ ମଧ୍ୟରେ ତିନି ମହିଳା ରୋଷେୟା, ୪ ପର୍ଯ୍ୟଟକ ଥିବା ନେଇ ଗୋଆ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଜାଣିରାଖିବା ଉଚିତ୍ ଯେ ଉତ୍ତର ଗୋଆର ଅରପୋରା ଗାଁରେ ଥିବା ଏକ ଜନପ୍ରିୟ ନାଇଟ୍ କ୍ଲବରେ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଏହି ଭୟଙ୍କର ନିଆଁ ଲାଗ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ବଜରଙ୍ଗ ଦଳ ପକ୍ଷରୁ ଶୌର୍ଯ୍ୟ ଦିବସ ପାଳିତ

କେନ୍ଦୁଝର,୭/୧୨(ନି/ପ୍ର): ବିଶ୍ୱହିନ୍ଦୁ ପରିଷଦର ବଜରଙ୍ଗ ଦଳ କେନ୍ଦୁଝର ଜିଲା ପକ୍ଷରୁ ଶନିବାର ଶୌର୍ଯ୍ୟ ଦିବସ ମହା ଆଡମ୍ବର ସହକାରେ ପାଳିତ ହୋଇଛି । ଏହି ଉପଲକ୍ଷେ କେନ୍ଦୁଝର ମାଇନିଙ୍ଗ ରୋଡ୍ ସ୍ଥିତ ରାମମନ୍ଦିର ପ୍ରାଙ୍ଗଣରୁ ପୂଜାର୍ଚ୍ଚନା ପରେ ଶତାଧିକ ବଜରଙ୍ଗ ଦଳ କର୍ମୀଙ୍କ ପକ୍ଷରୁ ଏକ ବାଇକ ରାଲି କେନ୍ଦୁଝର ସହର ପରିକ୍ରମା କରିଥିଲେ । ଏହି ବାଇକ ରାଲି ଶୋଭାଯାତ୍ରା ମାଇନିଙ୍ଗ ରୋଡ୍ ରାମମନ୍ଦିର ନିକଟରେ ବାହାରି ନିଉଜଲୋନୀ , ସ୍ପିତ୍ରଡ଼ିହା, ଧୋବାଡ଼ିହା, ସିରାଜୁଦ୍ଦିନ ଛକ, ଗାନ୍ଧୀ ଛକ, ଲେଲେରୋଡ୍ ଛକ, ଚର୍ଚ୍ଚ ଛକ, ଟେଲିଫୋନ ଏକ୍ସଚେଞ୍ଜ ଛକ, ଥାନା ଛକ, ଭଲେକ୍ସଗେଟ ଛକ ଲାବଣ୍ୟ ଛକ ଜୋର୍ଡ ଛକ ହୋଇ ରାମମନ୍ଦିର ନିକଟରେ ପରିକ୍ରମା ଶେଷ କରିଥିଲା ଏହି ବାଇକ ରାଲିରେ ପାଟଣହରୁ ଊର୍ଦ୍ଧ୍ୱ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ପ୍ରମୁଖ କର୍ମୀ ମାନେ ଜୟଶ୍ରୀରାମ ନାରା ଦେଇ ସହର ପରିକ୍ରମା କରି ଶୌର୍ଯ୍ୟଦିବସ ପାଳନ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ । ସୂଚନାଯୋଗ୍ୟ ଯେ ୧୯୯୨ ମସିହା ଡିସେମ୍ବର ମାସ ୬ ତାରିଖରେ ହଜାର ହଜାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ,ବିଶ୍ୱହିନ୍ଦୁ ପରିଷଦର ଭାଇମାନେ ଏକତ୍ରିତ ହୋଇ ଅଯୋଧ୍ୟାର ଐତିହାସିକ ଶ୍ରୀରାମ ଜନ୍ମଭୂମି ଉପରୁ ସାଁ ଶହ ବର୍ଷ ଧରି ବାବରୀ ମସଜିଦ ଭାଙ୍ଗିଦିଏ ଧରାଶାୟୀ କରି ଶ୍ରୀରାମ ମନ୍ଦିର ନିର୍ମାଣ କରିବା ପାଇଁ ବିଜୟ ପ୍ରାପ୍ତ କରିଥିଲେ । ଏହି ବିଜୟ, ଏହି ବୀରତ୍ୱ, ଏହି ପୁନର୍ଜାଗରଣକୁ ମନେପକାଇ ସେହି ଦିନକୁ ଶୌର୍ଯ୍ୟ ଦିବସ ଭାବେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପାଳନ କରା ଯାଉଛି । ବିଶ୍ୱହିନ୍ଦୁ ପରିଷଦ ଜିଲା ସଭାପତି ତୁଷାର ସାମନ୍ତ, ସମ୍ପାଦକ ସ୍ୱପନେଶ୍ୱର ସାହୁ, ପୂର୍ବପ୍ରଜାତୀୟ ମହିଳା ମୋର୍ଚ୍ଚା ସେବା ପ୍ରମୁଖ ମାମିନା ରାଉତ୍ରାଙ୍କ ସହିତ ଜିଲା ସଭାପତି ତୁଷାରକାନ୍ତ ସାମନ୍ତ, ଜିଲା ସମ୍ପାଦକ ସ୍ୱପ୍ନେଶ୍ୱର ସାହୁ,ଜିଲା ସହ ସମ୍ପାଦକ କେଦାରନାଥ ଦାଶ, ନଗର ସମ୍ପାଦକ ସୁବ୍ରତ ମହାନ୍ତି, ସହ ସମ୍ପାଦକ ରଞ୍ଜନ ସାହୁ, ସୁପାଲ ଗୁର୍ମୁ, ଗୋରକ୍ଷା ପ୍ରମୁଖ ବୁର୍ଯ୍ୟୋଧନ ମହାନ୍ତ, କାର୍ଯ୍ୟାଳୟ ପ୍ରମୁଖ କାର୍ତ୍ତିକ ମହାନ୍ତି, ଦେବାଶିଷ ପତି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ପ୍ରଚାର ଟଗ, ନୀଳମଣି ସାହୁ, ମହେନ୍ଦ୍ର ସାହୁ, ପ୍ରଫୁଲ୍ଲ ଓଝା, ବିଶ୍ୱହିନ୍ଦୁ ପରିଷଦ ଜିଲା ପ୍ରଚାର ପ୍ରସାର ପ୍ରମୁଖ ସତ୍ୟଜିତ ସାମନ୍ତରାୟ, ସତ୍ୟବ୍ରତ ରାଉତ, ବଜରଙ୍ଗ ଦଳର ସୌମ୍ୟ ରଞ୍ଜନ ସାହୁ, ରଞ୍ଜିତ ସାହୁ, ବିଜେପି ପୂର୍ବତନ ସଭାପତି ରାଧାକାନ୍ତ ମାଝାନ୍ତ, ପ୍ରକାଶ ମଲ୍ଲିକ, ସେମେଣ୍ଟ ଭାଇ, ରଙ୍ଗାଧର ନାଥ ପ୍ରମୁଖ ଜିଲାରେ ନିଶାମୁକ୍ତି ଅଭିଯାନ ବିଷୟରେ ସମସ୍ତଙ୍କୁ ଶୌର୍ଯ୍ୟ ଦିବସଠାରୁ ବିଶେଷ ଅଭିଯାନ ଆରମ୍ଭ କରି ଲୋକଙ୍କୁ ସଚେତନ କରିବା ପାଇଁ ସମସ୍ତ ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦ, ସଙ୍ଘ କାର୍ଯ୍ୟ କର୍ତ୍ତାମାନଙ୍କୁ ମିଳିତ ସହଯୋଗରେ କରିବା ପାଇଁ ଆହ୍ୱାନ ଦେଇଥିଲେ ।

ସେକେଣ୍ଡ ଅଫିସର୍‌ଙ୍କୁ ଉନ୍ନୀତ ହେଲେ ଏନ୍.ସି.ସି. ଅଫିସର୍ ବିଜୟ କୁମାର ବେହେରା

କେନ୍ଦୁଝର,୭/୧୨(ନି/ପ୍ର): କେନ୍ଦୁଝର ଜିଲ୍ଲାର ଏନ୍.ଏସ୍ ପୋଲିସ୍ ହାଇସ୍କୁଲର ସୁନାମଧନ୍ୟ ଏନ୍.ସି.ସି. ଅଫିସର୍ ବିଜୟ କୁମାର ବେହେରା ମହାରାଷ୍ଟ୍ର ରାଜ୍ୟରେ ଅବସ୍ଥିତ ଅଫିସର୍ସ ଟ୍ରେନିଂ ଏକାଡେମୀ ଜାମ୍ପୁ ରେ ୩୦ ଦିନିଆ ରିଫ୍ରେସର କୋର୍ସ ସଫଳତାର ସହ ସମାପ୍ତ କରିଛନ୍ତି ।ଜନଭେୟର ରୁ ୫ ଡିସେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଟ୍ରେନିଂରେ ରାଣୀ ପ୍ରତାପ କମ୍ବାନୀ ତରଫରୁ ଶାରୀରିକ ଦକ୍ଷତା,ଫାୟାରିଂ ପ୍ରତିଯୋଗିତା,ଡ୍ରିଲ, ଲିଖିତ ପରୀକ୍ଷା,ବକ୍ତବ୍ତ ଆଲୋଚନା,ପ୍ରବନ୍ଧ ପ୍ରତିଯୋଗିତା,କ୍ରୀଡା ପ୍ରତିଯୋଗିତାରେ ଉତ୍କର୍ଷତା ପ୍ରଦର୍ଶନ କରି ବିଦ୍ୟାଳୟ,୧୪ ଓଡ଼ିଶା ବାଟାଲିୟନ ଏନ୍.ସି.ସି. ତଥା କେନ୍ଦୁଝର ଜିଲ୍ଲାର ସୁନାମ ରଖିଛନ୍ତି ।ଶ୍ରୀ ବେହେରାଙ୍କ ଏହି ସଫଳତା ପାଇଁ ୧୪ ଓଡ଼ିଶା ବାଟାଲିୟନ ଏନ୍.ସି.ସି. କେନ୍ଦୁଝରର କମାଣ୍ଡି ଅଫିସର୍ କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀ,ପ୍ରଶାସନିକ ଅଧିକାରୀ ଲେଫ୍ଟନାଟ କର୍ଣ୍ଣେଲ ମୟୂର ଘାର୍ଗେ,ଏନ୍.ଏସ୍ ପୋଲିସ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ବେଦା ରାଉତ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,ଅଭିଭାବକ,ଛାତ୍ର ଛାତ୍ରୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।ଦେଶ ମାତୃକାର ସେବା ପାଇଁ ଏନ୍.ସି.ସି. ଟ୍ରେନିଂ ମାଧ୍ୟମରେ କ୍ୟାଡେଟ ମାନଙ୍କୁ ଗଢି ତୋଳିବା ଲାଗି ଉଦ୍ୟମ ଜାରି ରଖିବଟି ବୋଲି ଏନ୍ ସି ସି ଅଫିସର୍ ବିଜୟ କୁମାର ବେହେରା ମତ ପ୍ରକାଶ କରିଛନ୍ତି ।

ରଘୁଆଁଗୋଡାରେ ନବ ନିର୍ମିତ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନମୁଦ ଓ ପ୍ରତିଷ୍ଠା ଉତ୍ସବ

କେନ୍ଦୁଝର, ୭/୧୨(ନି/ପ୍ର): ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଚାୟତ ଅନ୍ତର୍ଗତ ରଘୁଆଁଗୋଡା ଗ୍ରାମରେ ଗ୍ରାମବାସୀଙ୍କ ସହଯୋଗରେ ଅଭିଜ୍ଞ ଶ୍ରୀକ୍ଷେତ୍ର ପୁରୀ ପଣ୍ଡିତଙ୍କ ଦ୍ୱାରା ନବ ନିର୍ମିତ ମହାପ୍ରଭୁ ଜଗନ୍ନାଥଙ୍କ ସହିତ ମା' ମହାଲକ୍ଷ୍ମୀ, ମା' ବିମଳା ଓ ମହାଦେବ ଶିବଙ୍କ ମନ୍ଦିର ରତ୍ନମୁଦ ଓ ପ୍ରତିଷ୍ଠା ଉତ୍ସବ ୫ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଦିନ ଜାୟାସିଦ୍ଧି, ଦୀକ୍ଷାଗ୍ରହଣ, ଅଙ୍କୁର ରୋପଣ କରାଯାଇଥିବା ବେଳେ ଶନିବାର ଦିନ ୧୨୫ ଜଣ ଶ୍ରଦ୍ଧାଳୁ ଭକ୍ତ ମହିଳା ପୁଷ୍କରୁଣ ପବିତ୍ର ବୈତରଣୀ ନଦୀରୁ ଜଳ ଆଣି କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଓ ସେବିନ ମନ୍ଦିରର ରତ୍ନମୁଦ ସମାପନ କରାଯାଇଥିଲା । ରବିବାର ବେଦବା ଧାନଧିବାସ, ରବିବାର ବେଦବା ମାନଙ୍କ ଯଜ୍ଞ ସୋମବାର ମଣ୍ଡପେ ପ୍ରବେଶ ହୋଇଥିଲା ଏବଂ ମଙ୍ଗଳବାର ଦିନ ଉତ୍ସବାପନ ଦିବସରେ ଠାକୁରଙ୍କ ନବଯୌବନ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ଧର୍ମପରାୟଣ ବ୍ୟକ୍ତି ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗଦେଇ ଶ୍ରଦ୍ଧାଳୁ ଭକ୍ତ ଓ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ । ସଂଜଳରେ ଦୁଗ୍ଧଶାସନ ଗିରି, ସବୁବତୀ ଗିରି ସମ୍ବାଦ ବସିଥିଲେ । ପୂଜକ ପଣ୍ଡିତ ସୀତାରାମ ପତି, ଜାହୁବରଣ ପତି, ଅମୀୟ ଲୋଚନ ପଣ୍ଡା, ସୁମନ୍ତ କୁମାର ପଣ୍ଡା, ମଞ୍ଜିତ ଲକ୍ଷ୍ମୀଧର ପଣ୍ଡା, ରବିନାରାୟଣ ପଣ୍ଡା ସମସ୍ତ ରୀତିନୀତି ଅନୁଯାୟ ପୂଜାର୍ଚ୍ଚନା କରିବା ସହିତ ପ୍ରାତଃ ସମୟରେ ବେଦପାଠ କରିଥିଲେ । ମନ୍ଦିର ପରିସରରେ ଛେରା ପହଁରା ନୀତିରେ ଥିବା ରାଜା ଭାରିରଥ ଗିରି, ସବିତା ଗିରି ଅଂଶଗ୍ରହଣ କରିଥିଲେ । ମନ୍ଦିର ପ୍ରତିଷ୍ଠା ଉତ୍ସବ ଗ୍ରାମବାସୀ, ଜଗନ୍ନାଥଙ୍କ ସେବାୟତଙ୍କ ସହିତ ଯଦୁମଣି ପ୍ରଧାନ, ଜନ୍ମେଜୟ ମହାନ୍ତ, ବିକାଶ ଗିରି, ବିପିନ ନାୟକ, ନକୁଳ ଚରଣ ମହାନ୍ତ, ପରମେଶ୍ୱର ଗିରି, ଶ୍ରୀକାନ୍ତ ଗିରି, ଧନେଶ୍ୱର ନାୟକ, ରଙ୍ଗାମାଟିଆ ସରପଂଚ ମାଧୁରୀ ନାୟକ, ମୁଖ୍ୟ ସବ୍ୟସାରାୟଣ ଗିରି, ଲକ୍ଷ୍ମୀନାରାୟଣ ଗିରି ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ଗ୍ରାମ ତଥା ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ପ୍ରତିଷ୍ଠା ଉତ୍ସବରେ ଯୋଗଦାନ କରିଥିଲେ ।

ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦାୟକାଳୀନ ସମ୍ବର୍ଦ୍ଧନା

କେନ୍ଦୁଝର, ୭/୧୨(ନି/ପ୍ର) :କେନ୍ଦୁଝର ସହର ଉପକଣ୍ଠ ଡିୟୋ ସ୍ଥିତ ଙ୍କ. ବସନ୍ତ କୁମାର ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ଫାର୍ମାସୀ କଲେଜ କେନ୍ଦୁଝର ଜନଜାତିୟୁତ ଅଫ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଅଓଜଏଚ) ଆନୁକୂଲ୍ୟରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ବ୍ୟାଚ ୨୦୨୩-୨୫ ଡ଼ି ଫାର୍ମ ଛାତ୍ରଛାତ୍ରୀମାନଙ୍କୁ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅନୁଷ୍ଠାନର ପ୍ରତିଷ୍ଠାତା ଙ୍କ. ବସନ୍ତ କୁମାର ଦାନୀ ସଭାପତିତ୍ୱ କରିଥିଲେ । ଅନୁଷ୍ଠାନର ଅଧ୍ୟାପିକା ମନୀଷା ସେଠୀ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଜଣେଇଥିଲେ । ଅନୁଷ୍ଠାନର ପ୍ରଶାସକ ବିଭୂତି ଭୂଷଣ ସାହୁ ପିଲାମାନଙ୍କୁ ନିଜର ଭବିଷ୍ୟତ ଗଠନ ପାଇଁ ପରାମର୍ଶ ଦେଇଥିଲେ । କଲେଜର ଅଧ୍ୟକ୍ଷ ଅରୁଣ କୁମାର କାନୁନଗୋ ସୃଜ୍ଞଳିତ ଜୀବନଯାପନ କରିବାକୁ ଉପଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷ ତରଣୀ ଜାନ୍ତ ସ୍ୱାଇଁ, ଅଧ୍ୟାପକ ରୋହନ ବେହେରା, ଅମନ ସାହୁ, ମାନଜେତନ ନାୟକ ଓ ଅଧ୍ୟାପିକା ଅଞ୍ଜିଳା ଦତ, ମନାଜିନି ମହାନ୍ତି, ଦେବାଂଶିପ୍ରିୟା ବଳ ଓ ସମସ୍ତ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ । ଶେଷରେ ଛାତ୍ରଛାତ୍ରୀମାନେ ଧନ୍ୟବାଦ ଅର୍ପଣ କରିଥିଲେ ।

ନିରାକାର ଜେନା ଥିଲେ ଜନଗଣଙ୍କ ସେନାପତି :ଜଷ୍ଟିସ ଦେବବ୍ରତ ଦାଶ

ଭଦ୍ରକ,୭/୧୨(ନି/ପ୍ର):ଓଡିଶା ଲାଲ ଆକାଶର ଅନ୍ୟତମ ଶ୍ରେଷ୍ଠ ତାରକା, ଭଦ୍ରକ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ, ସିପିଆଇ(ଏମ) ଓଡିଶା ରାଜ୍ୟ କମିଟିର ପୂର୍ବତନ ସଭ୍ୟ, ଓଡିଆ ମାନଙ୍କୁ ନେଇ ପଶ୍ଚିମବଙ୍ଗ ରାଜ୍ୟରେ ଗଠିତ ଗଣସଂଗଠନ 'ଭଲ୍ଲକ ସମାଜ'ର ପୂର୍ବତନ ସଭାପତି, ବିଶିଷ୍ଟ ଶ୍ରମିକ ନେତା, ଭଦ୍ରକ ଓକିଲ ସଂଘର ପୂର୍ବତନ ସଭାପତି, ଛୋଲକାତା ମଜଲିସ ର ପୂର୍ବତନ ସଭାପତି, ଚଙ୍ଗପା ସାହିତ୍ୟ ସଂସ୍କୃତି ମଂଚର ପୂର୍ବତନ ସଭାପତି ଆଜୀବନ ସଂସ୍ତାମୀ ନିରାକାର ଜେନାଙ୍କ ଅମ୍ଳାନ ସ୍ମୃତି ଜୁ ସବୁଦିନ ପାଇଁ ଜଜ୍ଞୀବିତ ରଖିବା ନିମେତ୍ତ ଗଠିତ 'ଆଜୀବନ ସଂଗ୍ରାମୀ ନିରାକାର ସ୍ମୃତି ସଂସଦ' ଓ ଭଦ୍ରକ ଓକିଲ ସଂଘର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ଆଇନଜୀବୀ ନିରାକାର ଜେନା ଙ୍କ ପ୍ରଥମ ସ୍ମୃତି ବାର୍ଷିକ ପାଳନ ସମାରୋହ ଭଦ୍ରକ ଚଙ୍ଗପା ସ୍ଥିତ ମାହାଥ୍ମାର ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ଚାରଣ ସଭାରେ ଓଡିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସଭାପତିତ୍ୱ କରିଥିବା ଭଦ୍ରକ ଓକିଲ ସଂଘର ପୂର୍ବତନ ସାଧାରଣ ସଂପାଦକ ବିଦ୍ୟସିଂହ ନାୟକ ସଂଚାଳନା କରିଥିଲେ । ଏହି ସ୍ମୃତି ବାର୍ଷିକରେ ମୁଖ୍ୟଅତିଥି ଭାବେ ଓଡିଶା ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଦେବବ୍ରତ ଦାଶ ଯୋଗଦେଇ ସଂଗ୍ରାମୀ ନିରାକାର ଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳୀ ଜଣାଇବା ସହ ନିରାକାର ଜେନା ଭଦ୍ରକ ପୌରପାଳିକାର ଅଧ୍ୟକ୍ଷ ଥିବା ସମୟରେ ସେ କରିଯାଇଥିବା ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ସ୍ମୃତି ସଂସଦର ସଂପାଦକ ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥ ସ୍ମୃତି ସଂସଦର କାର୍ଯ୍ୟକ୍ରମ ସଂପର୍କରେ ବିବରଣୀ ପ୍ରଦାନ ସହ ସ୍ମୃତି ଚାରଣ କରିଥିଲେ । ଅନ୍ୟତମ ବକ୍ତା ଭାବେ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ ଯୋଗେଦେଇ ସ୍ୱଗର୍ତ୍ତଃ ଜେନା ପ୍ରତ୍ୟୁତରେ ଭଦ୍ରକ ଜିଲ୍ଲାରେ ସାଧାରଣ ଲୋକଙ୍କ ସ୍ୱର ଥିଲେ ବୋଲି ପ୍ରକାଶ କରିଥିଲେ । ଅନନ୍ୟ ବକ୍ତା ଭାବେ ପୂର୍ବତନ ସାଂସଦ ମଞ୍ଜୁଲତା ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ପାଣ୍ଡୁରାହାଡି ବୋଲି ଅଭିଯୋଗ କରିବା ସହ ବିପୁଳୀ ନିରାକାର ଓକିଲ ମାନଙ୍କ ନେତା ଥିଲେ ବୋଲି ପ୍ରକାଶ କରିଥିଲେ । ସଣ୍ଡାନନୀୟା ବକ୍ତା ଭାବେ ଭଦ୍ରକ ପୌରଧକ୍ଷା ଗୁରୁମୁଦ୍ଦୀ ଦଲଦ୍ୱାଜି ହବିତ୍ ଯୋଗେଦେଇ ସଂଗ୍ରାମୀ ନିରାକାର ଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳୀ ଜଣାଇବା ସହ ନିରାକାର ଜେନା ଭଦ୍ରକ ପୌରପାଳିକାର ଅଧ୍ୟକ୍ଷ ଥିବା ସମୟରେ ସେ କରିଯାଇଥିବା ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ଅନ୍ୟମାନେ ବକ୍ତା ଭାବେ ଭଦ୍ରକ ଜିଲ୍ଲା ସଭାପତି ଚନ୍ଦ୍ରେଶ୍ୱର ନାୟକ, ବରିଷ୍ଠ ଡାକ୍ତର ରବିନ୍ଦ୍ର କୁମାର ନାୟକ, ଓଡିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲ, ଅଧ୍ୟକ୍ଷ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସଂପାଦିକା ସୁରଜିତା ନାୟକ, ସୁଚେତନା ନାସିରୁଦ୍ଦିନ ମଣ୍ଡଳ, ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ତ୍ୟାଗଭୂମି ର ସଭାପତି ଅଜୟ ନାୟକ, ଭଦ୍ରକ ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟ, ଭଦ୍ରକ ଓକିଲ ସଂଘ ଉପସଭାପତି ଅଶୋକ କୁମାର ନାୟକ, ଓକିଲ ସଂଘ ସଂପାଦକ ସୂର୍ଯ୍ୟକାନ୍ତ କୁଅଁର, ପୂର୍ବତନ ଭଦ୍ରକ ଓକିଲ ସଂଘ ସଭାପତି ବିଷ୍ଣୁ ମୋହନ ମହାପାତ୍ର, ବିଶିଷ୍ଟ ଆଇନଜୀବୀ ପ୍ରଫୁଲ୍ଲ ସାମଲ, ସିଆଇଟିୟୁ ଜିଲ୍ଲା ଉପସଭାପତି ମଳୟ ଭୋଜ, ଶ୍ରମିକ ନେତା ବିଷ୍ଣୁ ବାଶ, ଓଡିଶା କ୍ଷେତମଜଦୁର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀ, ବରିଷ୍ଠ ବାମପନ୍ଥୀ ନେତା ବେଦୈଜାଚନ ଜେନା, ଓଡିଶା କୃଷକ ସଭା ଭଦ୍ରକ ଜିଲ୍ଲା ସଭାପତି ଚନ୍ଦ୍ରେଶ୍ୱର ନାୟକ, ବରିଷ୍ଠ ଡାକ୍ତର ରବିନ୍ଦ୍ର କୁମାର ନାୟକ, ଓଡିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲ, ଅଧ୍ୟକ୍ଷ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସଂପାଦିକା ସୁରଜିତା ନାୟକ, ସୁଚେତନା ନାସିରୁଦ୍ଦିନ ଖାନ୍, ପ୍ରେମସର କମଳାକାନ୍ତ ସ୍ୱାଇଁ, ପୂର୍ବତନ ଜିଲ୍ଲା ସଂଚାୟତ ଅଧିକାରୀ ଗୟାଧର ସାହୁ, ଭଦ୍ରକ ପୌରପାଳିକା ୫ ନଂ ୱାର୍ଡ ର ପରିଷଦ ବିପିପ ନାୟକ, କୃଷକ ନେତା ନିରଞ୍ଜନ ପାଣି, ସୁଚେତନା ବଚିନାଥ ସାହୁ, ଯୁବ ଆଇନଜୀବୀ ଭଲ୍ଲକ ଜେନା, ପୂର୍ବତନ କାଉସ ଜଟଗ୍ରସ ଭଦ୍ରକ ଜିଲ୍ଲା ସଭାପତି ସୁଧାକର ରାଉତ, ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା, ଯୁବ ଆଇନଜୀବୀ ସୁଭାଷ ସେଠୀ ପ୍ରମୁଖ ଯୋଗେଦେଇ ସଂସ୍ତାମୀ ନିରାକାର ଙ୍କ ସ୍ମୃତି ଚାରଣ କରିବା ସହ ଭାରତରେ ଗଣତନ୍ତ୍ର ଓ ଧର୍ମନିରପେକ୍ଷତା ର ସୁରକ୍ଷା ପାଇଁ ନିରାକାର ଜେନାଙ୍କ ପଦାଙ୍କ ଅନୁସରଣ କରିବାକୁ ଆହ୍ୱାନ ଜଣାଇଥିଲେ । ଏହି ସ୍ମୃତି ବାର୍ଷିକ ସମାରୋହରେ ବରିଷ୍ଠ ଆଇନଜୀବୀ ରାଜକିଶୋର ବାଶ ଙ୍କୁ ମୁଖ୍ୟ ଅତିଥି ଜଷ୍ଟିସ ଦେବବ୍ରତ ଦାଶ ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଂଗ୍ରାମୀ ନିରାକାର ଜେନା ଙ୍କ ବହୁପୁଅ ଜୀବନ ଜେନା, ବଡଝିଅ ମିତପ୍ରିୟା

କେନ୍ଦୁଝର ରାଙ୍କିସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ

ଜିଲ୍ଲାସ୍ତରୀୟ ପରବ ମଂଚ ନାଟକ ପ୍ରତିଯୋଗିତା ଶେଷ, ଶ୍ରେଷ୍ଠ କଳାକାର ଓ ନାଟକ ଘୋଷଣା

ଜୟପୁର, ୭/୧୨(ନି.ପ୍ର): କୋରାପୁଟ ଜିଲ୍ଲା ସ୍ତରୀୟ ପରବ ମହୋତ୍ସବ ପାଳନ ଅବସରରେ ଜିଲ୍ଲା ସ୍ତରୀୟ ନାଟକ ପ୍ରତିଯୋଗିତା ଗତକାଲି ରାତିରେ ସ୍ଥାନୀୟ ଗୀତାଞ୍ଜଳି ମଞ୍ଚପ ଠାରେ ଶେଷ ହୋଇଯାଇଛି । ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଜୟପୁର ପ୍ରିୟା ଥିଏଟର ଗ୍ରୁପ ସହାୟତାରେ ଆୟୋଜିତ ଏହି ନାଯକ ପ୍ରତିଯୋଗିତାରେ ଶ୍ରେଷ୍ଠ ନାଟକ ଭାବେ ପ୍ରଥମ ସୁନାବେଦା ହାଇଲ ସଚରଞ୍ଜର ଖେଳ, ଦ୍ୱିତୀୟ ଦାମନଯୋଡି ଫଂଗମଟମାଳୀ ନାଟ୍ୟ ମହୋତ୍ସବ କଳାମଲ୍ଲୀ, ଶ୍ରେଷ୍ଠ ନାଟ୍ୟକାର ଭାବେ ପ୍ରଥମ ଜୟପୁର ବ୍ଲକ ଆହତ ପଚଙ୍ଗର ସ୍ୱରର ମୁନା ମିଶ୍ର, ଦ୍ୱିତୀୟ ବୈପାରୀଗୁଡା ବ୍ଲକ ପୁଷପୁନେଇର ଦୁର୍ଯୋଧନ ମାଝି, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପ୍ରଥମ ଦାମନଯୋଡି କଳାମଲ୍ଲୀର ଶେଷଦେବ ଶତପଥୁ, ଦ୍ୱିତୀୟ ବୈପାରୀଗୁଡା ବ୍ଲକ ପୁଷପୁନେଇର ବୈପାରୀ ବିଶାରୀ, ଶ୍ରେଷ୍ଠ କଳାକାର ଭାବେ ପ୍ରଥମ ଦ

ବିବିଧା

ରାଶି ଫଳ

ମେଷ: ଗାଡିଚିଡିରୁ ଜଲିଯିବାର ସମ୍ଭାବନା ଦୂର ହେବ। କମିଶନ ରହିବେ। ବିଦ୍ୟାର୍ଥୀ ପୁରିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ସାହାଯ୍ୟ ପାଇବେ।

ବୃଷ: ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟରୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ବନ୍ଧୁଙ୍କ ସହ ଦୁଶ୍ଚିନ୍ତାକୁ ଯିବେ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

ମିଥୁନ: ଚାକିରିରେକୁ କେବଳ ବିଶ୍ରାମରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିଜେଖରୁ ଭାଲ ପାଇବେ। ନିଜସ୍ୱ କରିବା ପାଇଁ ଚାଉଁଛନ୍ତି ଫାୟାଦା।

କର୍କଟ: ଅତିସତ୍ୱରେ ପଦୋନ୍ନତି ସମ୍ଭାବନା ଅଛି। ନୂତନ କାମ ଆରମ୍ଭ କରିବେ। ପୂର୍ବତ୍ର ପୁରୁଣାଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

ସିଂହ: ବ୍ୟବସାୟ ପାଇଁ ବିଶ୍ରାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂତନ ଚାକିରି ପାଇଁ ଚାଉଁଛନ୍ତି ଫାୟାଦା। ଭୋଟ କରିବାରେ ମାନନୀୟଙ୍କ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

କନ୍ୟା: ଆର୍ଥିକ ସମସ୍ୟା ଦେଖା ଦେବ। ବିଶ୍ରାରେ ରହିବେ ଏବଂ ଯେପରିକି ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ତ୍ରୀ ସ୍ତ୍ରୀଙ୍କ ମଧ୍ୟରେ ଦୂର ଦୁରାଶମତା ଦେଖାଦେବ।

ତୁଳା: ମନ ପ୍ରସନ୍ନ ରହିବ। ଦିନଟି ଶୁଭଯୋଗ ପ୍ରଦାନ କରିବ। ବ୍ୟବସାୟରେ ଫାଇଦା ହେବ। ମାନସିକ ଚଞ୍ଚଳତାକୁ ଚିନ୍ତାଧାରା ଦୂର ହେବ। ନୂତନ ଲୋକଙ୍କ ସଂସ୍ପର୍ଶରେ ଆସିବେ।

ବିଛା: ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଧିକ ଖର୍ଚ୍ଚକୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ବ୍ୟାବହାରିକ ଜୀବନରେ ଦିକ୍ଷାରୀ ଆସିବ।

ଧନୁ: ଘର ପାଇଁ ନୂତନ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂତନ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

ମକର: ବିବାହରେ କାର୍ଯ୍ୟକୁ ଦୂରେଇ ରହିବେ। ନୂତନ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଉପଦାନ ଶିବଙ୍କ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

କୁମ୍ଭ: ନୂତନ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅତିସତ୍ୱରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

ମୀନ: ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବହୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅନ୍ୟମାନଙ୍କୁ ସାହାଯ୍ୟ କରିବେ।

ଆଜିର ଇତିହାସ

- ୧୯୪୩: ବ୍ୟୁଚର୍ଚ ଜପବୁଦରେ ଯାତ୍ରୀବାହୀ ଜଳ ଜାହାଜରେ ଅଗ୍ନିଜାଣ ଘଟି ୩୩ ଜଣ ଚାଳିଛନ୍ତି ମୃତ୍ୟୁ ହୋଇଥିଲା ।
- ୧୯୫୫: ବିଶ୍ୱର ୪୮ ଟି ରାଷ୍ଟ୍ର ଜାପାନ ସହ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ ।
- ୧୯୯୯: ମାଫିଡୋନିଆ ସ୍ୱାଧୀନ ହୋଇଥିଲା ।
- ୨୦୦୭: ମହାରାଷ୍ଟ୍ରର ମାଲେଗାଁରେ ହୋଇଥିବା ବିସ୍ଫୋରଣରେ ୪୫ମୃତ, ୩୭ଜଣ ଅଧିକ ଆହତ ।

ଆନ୍ତର୍ଜାତିକ ସାକ୍ଷରତା ଦିବସ

ରାଷ୍ଟ୍ର ତଥା ସମାଜର ବିକାଶ ପାଇଁ ସାକ୍ଷରତା ଅତ୍ୟନ୍ତାବଶ୍ୟକ। ସାକ୍ଷରତା ବିନା ଜଣେ ଏ ସମାଜ ଅନୁନ୍ନତ ହୋଇ ରହେ ଏବଂ ଜନ ସ୍ୱାସ୍ଥ୍ୟରେ ଖରାପ ପ୍ରଭାବ ପଡ଼ିଥାଏ। ଦିନ ଏହା ବିକାଶ ପଥରେ ଅଗ୍ରସର ହୋଇପାରେ ନାହିଁ। ସେଇଁ ଦେଖର ସାକ୍ଷରତା ହାର ସେତେ ନିମ୍ନସ୍ତରର ରହି ସେତେ ବିକଶିତ।

ସାକ୍ଷରତା କେବଳ ପଢ଼ିବା ଓ ଲେଖିବା ମଧ୍ୟରେ ସୀମିତ ରହି ନାହିଁ। ଏହା ଲୋକମାନଙ୍କୁ ନିଜ ଅଧିକାର ପ୍ରତି ସଚେତନ କରିଥାଏ। ଗରିବୀ ଦୂର କରିବା, ଶିଶୁମୃତ୍ୟୁହାର କମାଇବା, ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା, ଲିଙ୍ଗଗତ ପ୍ରଭେଦକୁ ଦୂର କରିବା ପାଇଁ ଜଣେ ସାକ୍ଷର ହେବାର ଆବଶ୍ୟକତା ରହିଛି। କେବଳ ଲାଭ ଶିକ୍ଷା ମାଧ୍ୟମରେ ହିଁ ଏଭଳି ସମସ୍ୟାକୁ ଦୂର କରାଯାଇପାରିବ। ଏକ ସୁସ୍ଥ ସମାଜ ଗଠନରେ ସାକ୍ଷରତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଦିଗରେ ସରକାର ଜନସାଧାରଣଙ୍କୁ ଅଜସ୍ର ଜାଗରୁକ କରିବା ପାଇଁ ବିଭିନ୍ନ ପ୍ରକାର ପ୍ରୟାସ ଚଳାଇଛନ୍ତି। ସାକ୍ଷରତା ଦିବସ ପାଳନ ମାଧ୍ୟମରେ ସରକାର ଜନସାଧାରଣଙ୍କୁ ଅଜସ୍ର ଜାଗରୁକ କରିବା ପାଇଁ ପ୍ରୟାସ କରିଛନ୍ତି। ଏହି ଦିବସ ପାଳନ କରାଯାଇ ସାକ୍ଷରତା ପ୍ରସାର ପ୍ରସାର ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ।

ଗତ ୫ ଦଶନ୍ଧିରେ ସାକ୍ଷରତା ହାର ବଢ଼ାଇବା ନିମିତ୍ତ ସରକାରଙ୍କ ପ୍ରୟାସ ସତ୍ତ୍ୱେ ଏହା ଆଶାନୁରୂପ ହୋଇପାରିନାହିଁ। ୨୦୨୫ ମସିହା ସେପ୍ଟେମ୍ବର ୮ ରୁ ୧୯ ତାରିଖ ଏହି ବିଷୟ ପ୍ରସାରଣ ଲାଗି ଜାତୀୟ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ୨୬ ଅକ୍ଟୋବର ୧୯ ୬୬ ମସିହା ସେପ୍ଟେମ୍ବର ୮ ରୁ ୧୯ ତାରିଖ ଏହି ବିଷୟ ପ୍ରସାରଣ ଲାଗି ଜାତୀୟ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ଆଲୋଚନା ଚକ୍ର ଆୟୋଜନ କରାଯାଇଛି। ଏହି ଚକ୍ରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନେକ ଲୋକଙ୍କ ଶିକ୍ଷାମନ୍ତ୍ରୀମାନେ ଅଂଶଗ୍ରହଣ କରିଥିଲେ

ଉତ୍କଳ ସମାଚାର

ସମ୍ପାଦକୀୟ...

ସୋମବାର ୮ ଡିସେମ୍ବର ୨୦୨୫

ଚିନ୍ମୟ ଚେତନା : ଛୋଟ ମୋର ନାଁଟି



ମୋର ନିଜ ନାଁଟି ପ୍ରତି ମୋର ଅନୁରାଗ ପ୍ରବଳ । ଏହି ନାମର ଉଚ୍ଚାରଣଟୁଁ ବଳି ଅଧିକ ସୁମଧୁର ସଙ୍ଗୀତ ମୋ କାନରେ କେବେ ବାଜି ନାହିଁ । ନିଜ ନାଁ ପ୍ରତି ଏହି ଅତି ଆସକ୍ତି ମୋର ଏକ ଅସ୍ୱାଭାବିକତା କି ? ଏ ବିଷୟରେ ମୋ ମନରେ ଥିବା ସନ୍ଦେହକୁ ଆଶ୍ୱସ୍ତି ମିଳିଲା, ଯେତେବେଳେ ମୁଁ ଜାଣିଲି କୋଟି କୋଟି ଜନତାଙ୍କୁ ପ୍ରଭାବିତ କରିଥିବା ଆମେରିକୀୟ ଲେଖକ ଡେଲ୍ କାର୍ନେଗିଙ୍କ ଏହି ପ୍ରସଙ୍ଗରେ ଉକ୍ତିଟିକୁ । ପ୍ରେରଣାତ୍ମକ, ଆତ୍ମ-ସୁଧାର ମୂଳକ ତଥା ବ୍ୟକ୍ତିତ୍ୱ ଉନ୍ନତି ବିଷୟକ ସୁଖକରଗୁଡ଼ିକର ଆଦ୍ୟ ସ୍ରଷ୍ଟା କାର୍ନେଗିଙ୍କ କହିବା ଅନୁସାରେ 'ଯେ କୌଣସି ଭାଷାରେ ହେଉନା କାହିଁକି, ଜଣେ ବ୍ୟକ୍ତି ପାଇଁ ତାଙ୍କ ନିଜ ନାଁଟି ସବୁଠାରୁ ସୁମିଷ୍ଟ ଓ ମହତ୍ୱପୂର୍ଣ୍ଣ ଶବ୍ଦ ।' ଏଣୁ କାର୍ନେଗି କହୁଥିଲେ ଯେ କାହାକୁ ପ୍ରଭାବିତ କରିବାକୁ ହେଲେ ପ୍ରଥମେ ତା'ର ନାଁଟିକୁ ମନେ ରଖ, ଆଉ ସଠିକ୍ ? ଉଚ୍ଚାରଣ କରି ତାକୁ । ଏହା ଦ୍ୱାରା ଲୋକରିର ଆତ୍ମସମ୍ମାନ ଆପଣା ଛାଏଁ ବଢ଼ିଯିବ ଓ ସେ ତୁମେ କହୁଥିବା କଥାକୁ ଆହୁରି ଧ୍ୟାନ ଦେଇ ଶୁଣିବ । ଏହି ମନସ୍ତାତ୍ତ୍ୱିକ ନିଷ୍କର୍ଷଗୁଡ଼ିକୁ ଛାଡ଼ି ଆସନ୍ତୁ ଫେରିବା ମୋ ନିଜ ନାଁ ସମ୍ପର୍କିତ ମୋର ଅନୁଭୂତିଗୁଡ଼ିକୁ । ପାଟ ବର୍ଷର ପୂର୍ବେଇଉଥିଲେ ମୋର ନାଁ ଓ ସାଜିଁଆ ଥିଲା ଅପେକ୍ଷାକୃତ ବିରଳ, ଯାହା କି ମୋତେ କିଛିଟା ଆତ୍ମସନ୍ତୋଷ ଯୋଗାଉଥିଲା । ସମସ୍ତ ସ୍କୁଲରେ ଏହି ନାମଗୁଡ଼ିକର ଏକମାତ୍ର ସ୍ୱତ୍ୱାଧିକାରୀ ଥିଲି ମୁଁ । ଏଣୁ ମୋ ସାଙ୍ଗମାନେ ମୋତେ ସମ୍ବୋଧନ କରିବା ପାଇଁ ଏ ଦୁଇଟି ଭିନ୍ନରୁ ଅପେକ୍ଷାକୃତ ସରଳ ଓ ସୁଲ୍ଲାକ୍ଷର-ମୁକ୍ତ 'ହୋତା' ଶବ୍ଦଟିକୁ ବାଛି ନେଇଥିଲେ । କିନ୍ତୁ ମୁଁ ଜ'ଣ ଜାଣିଥିଲି ଯେ ସେମାନେ ନାମଟିର ଗଭୀରତା ଭିତରେ ଆବଶ୍ୟକ ସୁଖେ ତାଙ୍କର ସାଧାରଣ ଜ୍ଞାନ ହରାଇ ବସିବେ ବୋଲି ? ଅରେ ଛୁଟିଦିନ ସକାଳେ କେତେଜଣ ସାଙ୍ଗ ଆମ ଘର ସାମନାରେ ଠୁକ ହୋଇ ମୋ ଉଦ୍ଦେଶ୍ୟରେ ଡାକ ପକାଇଲେ, 'ହୋତା, ହୋତା !' ବାପା ଘରେ ଥିବାରୁ ଜବାତ ଖୋଲି ସେମାନଙ୍କୁ ମଜାଳିଆ ସ୍ୱରରେ ପଚାରିଲେ, 'ଏଠି ଛ' ଜଣ ହୋତା ଅଛନ୍ତି, ତୁମର କୋଉ ହୋତାକୁ ବରଜାର' ତାଙ୍କର ପ୍ରିୟ ସାଙ୍ଗଟି ହଠାତ କେମିତି ଛ' ଜଣରେ ପରିବର୍ତ୍ତିତ ହୋଇଗଲା ବୋଲି ଚିନ୍ତା କରୁ କରୁ ସେମାନେ ମୋର ପ୍ରଥମ ନାଁଟି ଆଉ ମନେ ପକେଇ ପାରିଲେ ନାହିଁଓ ବଇବଳ କରି ବାପାଙ୍କୁ ମୁହଁକୁ ଚାହିଁ ରହିଲେ । ବାପା ସବୁ କଥା ବୁଝିପାରି କହିଲେ, 'ଭୁଲ, ଚିନ୍ମୟକୁ ବାଛି ଦେଇଛି !' ଏ ଘଟଣାର ଅନେକ ବର୍ଷ ପରେ ନିଜ ସାଙ୍ଗଟିକୁ ନେଇ ପୁଣି ଏକ ରହସ୍ୟମୟ ପରିସ୍ଥିତି ସୃଷ୍ଟି ହୋଇଥିଲା, ମୋର ଜଣେ ସାଙ୍ଗଙ୍କ ଅଧସ୍ତନ କର୍ମଚାରୀଙ୍କୁ କରିଥାରେ । ସାଙ୍ଗ ଥିଲେ ଅନ୍ୟ ଏକ ରାଜ୍ୟରେ ପୁଲିସ ବିଭାଗର ଉଚ୍ଚାଧିକାରୀ । ସେତେବେଳେ ମୋବାଇଲ ଫୋନର ପ୍ରଚଳନ ଆରମ୍ଭ ହୋଇ ନ ଥିବାରୁ ଲ୍ୟାଣ୍ଡଲାଇନ୍ ଫୋନରେ କଥାବାର୍ତ୍ତା କରିବାକୁ ପଡୁଥିଲା । ଆବଦଲାଇବା ଅନୁସାରେ ବନ୍ଧୁଙ୍କ ବ୍ୟକ୍ତିଗତ ସହାୟକ ଫୋନ ଉଠାଇ ପରିଚୟ ପଚାରିଥିଲେ । ମୁଁ ମୋ ନାଁଟି କହିବାରୁ ସେ ନିଶ୍ଚିତ ହେବା ପାଇଁ ପଚାରିଲେ 'ଗୁପ୍ତାଜୀ' ମୁଁ କହିଲି, 'ନାଇଁ, ହୋତା'' । ସେ କହିଲେ, 'ଠିକ୍ ? ଅଛି ତେବେ, ଗୁପ୍ତାଜୀ' । ସେ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ ଯେ 'ଓଡ଼ିଶାରୁ ଗୁପ୍ତାଜୀ ଆପଣଙ୍କ ସହ କଥା ହେବାକୁ ଚାହୁଁଛନ୍ତି ।' ଏମିତି ଆଉ କିଛି ଥର ଘଟଣାର ପୁନରାବୃତ୍ତି ହେବା ପରେ ମୁଁ, ବନ୍ଧୁ ଓ ତାଙ୍କ ସହାୟକଙ୍କ ତ୍ରିକୋଣୀୟ ସମ୍ପର୍କ ଭିତରେ 'ହୋତା' ଶବ୍ଦଟି ସବୁ ଦିନ ପାଇଁ ପରିବର୍ତ୍ତିତ ହୋଇଗଲା 'ଗୁପ୍ତା'ରେ । ଉଭୟ ମୁଁ ଓ ମୋର ବନ୍ଧୁ, ମୋ ନାଁ ସମ୍ବନ୍ଧୀୟ ସହାୟକଙ୍କର ବଦ୍ଧମୂଳ ଧାରଣାଟିକୁ ବଦଳେଇବା ପାଇଁ ଚାହି ନ ଥିଲୁ, କାରଣ ତାହା ଏକ କଠିନ କାମ ହୋଇଥାନ୍ତା । ଏହି ଅଭିଜ୍ଞତାରୁ ମୁଁ ଜାଣିଲି ଆମ ଦେଶରେ 'ହୋତା' ସହିତ ସର୍ବାଧିକ ଛନ୍ଦ ମିଶୁଥିବା ସାଜିଁଆଟି ହେଲା 'ଗୁପ୍ତା' । ନାଁଟି କିଛୁ ଜଂରେଜୀ ଲେଖାରୁ ପଢ଼ି ବହୁତ ଲୋକ ଏହାକୁ 'ହୋତା' (ଯେମିତିକି ତାତା, ବାବା) ଉଚ୍ଚାରଣ କରିଥାନ୍ତି । ମୋ ପ୍ରିୟ ନାଁଟିର ବିକୃତି ଝାଡ଼ି ଆମ ଦେଶ ଭିତରେ ସୀମିତ ରୁହେଁ, ଏହା ବିଦେଶକୁ ମଧ୍ୟ ବ୍ୟାପି ଯାଇଛି । ଥରେ ଚୀନ ଦେଶର ଙ୍ଗପାଇ ବିମାନ ବନ୍ଦର ଗେଟ୍ ଦ୍ୱାରାରେ ବାହାରେ ମୋ ପାଇଁ ଅପେକ୍ଷାରତ ଚ୍ୟାଙ୍ ?ସି ଚାଳକ ମୋ ନାଁର ଯେଉଁ ନାମ ଫଳକଟି ଧରିଥିଲେ, ସେଥିରେ ମୋର ସାଜିଁଆ ଲେଖାଥିଲା 'ହୋକ୍ ?ସା' । 'ଯେ ଦେଶେ ଯାଇ, ସେ ଫଳ ଖାଇ' ନ୍ୟାୟରେ ମୁଁ ମୋର ଆତ୍ମ-ଅଭିମାନକୁ ଦୋଳି ପକାଇ ଚୁପ୍ ?ଚାପ୍ ? ତାଙ୍କ ଗାଡ଼ିରେ ବସିଥିଲି । ନିଜ ନାଁକୁ ଇ[?ନେଟ୍ ?ରେ ଖୋଜିବା ଗତ କିଛି ବର୍ଷ ହେଲା ଅନେକଙ୍କ ଗୋଟିଏ ସଖରେରେ ପରିଣତ ହୋଇଗଲାଣି । ଏହି ଅଭ୍ୟାସଟିକୁ ଏକ ସୁନ୍ଦର ନାଁ ମଧ୍ୟ ଦିଆଯାଇଛି: 'ଅହଂ ସନ୍ଧାନ' ବା 'ଇଗୋ ସର୍ଚ୍ଚ' । ଏହି 'ଅହଂ ସନ୍ଧାନ' କରିଆରେ ମଧ୍ୟ ମୁଁ ଜାଣିବାକୁ ପାଇଛି ଯେ 'ଚିନ୍ମୟ ହୋତା' ନାମଟି ଆଉ ଏକ ବିରଳ ନାଁ ହୋଇ ରହି ନାହିଁ । ମୋ ପର ପିଢ଼ିମାନଙ୍କରେ ଅବିକଳ ଏହି ନାମଧାରୀ ଅନେକ ମଣିଷ ଧରଣୀର କୋଳ ମଣ୍ଡନ କରଛନ୍ତି । ହିରୋସୀମାର ଶାନ୍ତି ସ୍ମାରକୀ ଠାରେ ପରମାଣୁ ବୋମା ଦ୍ୱାରା ମୃତ ୩୨୮,୯୨୯ ଜଣଙ୍କର ନାମ କାନ୍ଥଗୁଡ଼ିକରେ ଲେଖା ହୋଇଛି । ସେ ନାମଗୁଡ଼ିକ ଉପରେ ଆଖି ବୁଲାଇବା ବେଳେ ମଧ୍ୟ ମୋ ଆଖି ଆପଣାଛାଏଁ ଟାଣି ହୋଇଯାଇଛି 'ହୋତା' ସାଜିଁଆ ଯୁକ୍ତ ଦେବୋଚି ନାଁ ଉପରକୁ । ଇଂଟରନେଟ୍‌ର ଅନ୍ୟ 'ଚିନ୍ମୟ ହୋତା'ମାନେ କିଛି ହିରୋସୀମା ସ୍ମାରକୀର 'ହୋତା'ମାନେ ହୁଅନ୍ତୁ, ମୁଁ କାହାକୁ ବ୍ୟକ୍ତିଗତ ଭାବରେ ଜାଣେ ନାହିଁ । ହେଲେ ଆମର ସମାନ ନାମଟି ଯୋଗୁଁ ମୋତେ ଲାଗେ ସତେ ଯେମିତି ସେହି ଅଜଣା ବ୍ୟକ୍ତିମାନଙ୍କ ସହ ମୁଁ ଏକ ଆତ୍ମିକ ବନ୍ଧନରେ ବନ୍ଧା । ନାଁ କେବଳ ଗୋଟିଏ ଧ୍ୱନି । କିନ୍ତୁ ତା'ରି ମାଧ୍ୟମରେ ବି ଝଙ୍କୃତ ହୋଇ ଚାଲିଛି କେତେ ଅଜ୍ଞାତ ସମ୍ପର୍କର ସ୍ପନ୍ଦନ ।

ଅନ୍‌ଲାଇନ୍ ମାର୍କେଟିଂରେ ବଡ଼ ପ୍ରତିଯୋଗିତା

ଆଜିର ମାର୍କେଟିଂରେ 'ଗ୍ରାହକଙ୍କ ଦ୍ୱାର ସମ୍ମୁଖରେ 'ଶୀଘ୍ର ସାମଗ୍ରୀ ପହଞ୍ଚାଇବା' ଗ୍ରାହକମାନଙ୍କୁ ଆକର୍ଷିତ କରିବାର ଏକ ନିର୍ଣ୍ଣାୟକ କାରଣ ପାଲଟିଛି । ଭୋକ୍ତାମାନେ ବାହାର ଦୋକାନକୁ ନଯାଇ କିଛି ମିନିଟ୍ ମଧ୍ୟରେ ଘରେ ସେମାନଙ୍କର ସାମଗ୍ରୀ ପାଇଯାଉଛନ୍ତି । ଆଜିକାଲି 'ଅନଲାଇନ୍ ମାର୍କେଟିଂ' ଏକ ସାଧାରଣ କଥା ହୋଇଗଲାଣି । ସାମ୍ପ୍ରତିକ ସମୟରେ ଭାରତୀୟ ପରିବାରଗୁଡ଼ିକରେ କିଣିବାର ପଦ୍ଧତି ପାରମ୍ପରିକ ଭ୍ରୟ ପଦ୍ଧତିରୁ ନୂତନ ଉପାୟକୁ ବହୁ ପରିମାଣରେ ପରିବର୍ତ୍ତନ ହୋଇଛି । ଆମ ଦେଶର ଆଜିର ତୀବ୍ର ପ୍ରତିଯୋଗିତାମୂଳକ ବଜାରରେ 'ଦ୍ରୁତ କ୍ରୟ-ବିକ୍ରୟ' ବ୍ୟବସ୍ଥା ଗ୍ରାହକ ଏବଂ ବିକ୍ରେତା ଉଭୟଙ୍କ ଆବଶ୍ୟକତାକୁ ପୂରଣ କରୁଛି । ଆଜିକାଲି ଆମେ ଆମ ସମାଜରେ ଅଭୂତପୂର୍ବ ବଜାରଶୈଳୀ ଦେଖୁଛୁ, ଯାହା ଆମେ ପୂର୍ବରୁ କେବେ ଦେଖିନଥିଲୁ ଏବଂ କେବେ ଏଥିସହ ଅଭ୍ୟସ୍ତ ନଥିଲୁ । ସବର୍ଷ ଭାରତର ଅନଲାଇନ୍ 'ଦୀପାବଳୀ ସପ୍ତାହ' ମୁଖ୍ୟତଃ ଅଣ-ମେଟ୍ରୋ ସହରଗୁଡ଼ିକ ଦ୍ୱାରା ପ୍ରାଧାନ୍ୟ ବିସ୍ତାର କରିଥିଲା, ଯାହା ସମସ୍ତ ଇ-କମର୍ସ ଅର୍ଡରର ପ୍ରାୟ ତିନି-ଚତୁର୍ଥାଂଶ ଥିଲା । ରିପୋର୍ଟ ଅନୁସାରୀ, କେବଳ ୩-ଟାୟର ସହରଗୁଡ଼ିକ ମୋଟ୍ ସପ୍ତାହ ଅଧାରୁ ଅଧିକ ଏଥିରେ ଅବଦାନ ରଖୁଛି । 'ନନ୍-ମେଟ୍ରୋ ଲଣ୍ଡିଆ' ବଜାର ଧାରାଗୁଡ଼ିକୁ ଏକ ଆଶ୍ଚର୍ଯ୍ୟଜନକ ସ୍ତରରେ ପରିବର୍ତ୍ତନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଦୀପାବଳି ସମୟରେ ଅଣ-ମେଟ୍ରୋ ସହରଗୁଡ଼ିକ 'ଦ୍ୱିକ୍-କମର୍ସ' ପ୍ଲାଟଫର୍ମ ମାଧ୍ୟମରେ ଭାରତର ଅନଲାଇନ୍ ସପ୍ତାହ ଏକ ଜରୁରୀ ନେଇଯାଉଛନ୍ତି । ଏହାର କାରଣ ହେଉଛି 'ଅଲ୍ଲା-ଫୀଷ୍ଟ ଡେଲିଭରି', ଯାହା ଭୋକ୍ତାମାନଙ୍କୁ ଆକର୍ଷିତ କରୁଛି । ।ଆଜିର ମାର୍କେଟିଂରେ 'ଗ୍ରାହକଙ୍କ ଦ୍ୱାର ସମ୍ମୁଖରେ 'ଶୀଘ୍ର ସାମଗ୍ରୀ ପହଞ୍ଚାଇବା' ଗ୍ରାହକମାନଙ୍କୁ ଆକର୍ଷିତ କରିବାର ଏକ ନିର୍ଣ୍ଣାୟକ କାରଣ ପାଲଟିଛି । ଭୋକ୍ତାମାନେ ବାହାର ଦୋକାନକୁ ନଯାଇ କିଛି ମିନିଟ୍ ମଧ୍ୟରେ ଘରେ ସେମାନଙ୍କର ସାମଗ୍ରୀ ପାଇଯାଉଛନ୍ତି । ଆଜିକାଲି 'ଅନଲାଇନ୍ ମାର୍କେଟିଂ' ଏକ ସାଧାରଣ କଥା ହୋଇଗଲାଣି । ସାମ୍ପ୍ରତିକ ସମୟରେ ଭାରତୀୟ ପରିବାରଗୁଡ଼ିକରେ କିଣିବାର ପଦ୍ଧତି ପାରମ୍ପରିକ ଭ୍ରୟ ପଦ୍ଧତିରୁ ନୂତନ ଉପାୟକୁ ବହୁ ପରିମାଣରେ ପରିବର୍ତ୍ତନ ହୋଇଛି । ବଡ଼ କମ୍ପାନୀଗୁଡ଼ିକ ଏବେ ଗ୍ରାହକମାନଙ୍କୁ ଏକ ସୁଲଭ ମୂଲ୍ୟ ସହିତ ସାମଗ୍ରୀ ଯୋଗାଇବାରେ ଯଥେଷ୍ଟ ସକ୍ଷମ ଏବଂ ତାହା ମଧ୍ୟ ଏକ ଶୀଘ୍ର ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ । ବଡ଼ ଖେଳାଳିମାନଙ୍କ ଦ୍ୱାରା ପରିଚାଳିତ ଅନଲାଇନ୍ ମାର୍କେଟିଂ କମ୍ପାନୀଗୁଡ଼ିକ ବହୁ ପ୍ରତିକ୍ରିୟାରେ ଆମ ପରିବାରର ମହିଳାମାନଙ୍କୁ ସଶକ୍ତ କରିଛନ୍ତି, କାରଣ ସେମାନେ ହିଁ ଆମର ଘରୋଇ ଅର୍ଥନୀତି ପରିଚାଳନା କରନ୍ତି । କିଛି ଦିନ ପୂର୍ବେ ମୋର ଜଣେ ପରିଚିତ ବନ୍ଧୁ ତାଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ଯେ, ସେ କିପରି ଖାଦ୍ୟ ଅଫରରେ ଥିବା ଏକ ନିକଟସ୍ଥ ଶୀଘ୍ର ପହଞ୍ଚି ପାରୁଥିବା ରିଲାଏନ୍ସ ସ୍ମାର୍ଟ ଷ୍ଟୋରରୁ କିଛି ଘରୋଇ ସାମଗ୍ରୀ କିଣିବାକୁ ଯାଇଥିଲେ । ସେ କିଣିଷଗୁଡ଼ିକ ଚୟନ କରିବା ପରେ, ସେ ପେମେଣ୍ଟ ପାଇଁ ଧାଡ଼ିରେ ଠିଆ ହୋଇଥିଲେ ଏବଂ ଏହି ସମୟରେ ରିଲାଏନ୍ସ ସ୍ମାର୍ଟ କୋଠାରୁ ତାଙ୍କ ସଚିବୁ ଫେରିବା ପୂର୍ବରୁ ତାଙ୍କ ସ୍ତ୍ରୀ ତାଙ୍କୁ ଫୋନ୍ ମାଧ୍ୟମରେ କହିଥିଲେ ଯେ ଅନଲାଇନ୍ ଅର୍ଡର ବିଷୟରେ ତାଙ୍କର ନୂତନ ଜ୍ଞାନ ଆଧାରରେ ସେ 'ବିଗ୍ ବାସ୍କେଟ୍' ଅର୍ଡରରୁ ସମାନ ଜିନିଷଗୁଡ଼ିକ ପାଇସାରିଛନ୍ତି । ନିକଟରେ, ବିଗ୍ ବାସ୍କେଟ୍ ସମ୍ବଲପୁର ଭଳି ଏକ ୩-ସ୍ତରୀୟ ସହରରେ ଏକ ନୂତନ ମାର୍କେଟିଂ ସେବା ଖୋଲିଛି । ମୋ ବନ୍ଧୁ ରିଲାଏନ୍ସ ସ୍ମାର୍ଟ ଷ୍ଟୋରରୁ କିଣିଷଗୁଡ଼ିକ ପାଇବା ପାଇଁ କିଣିବା ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ଦ୍ୱାରା ଅର୍ଡର କରାଯିବାର ଦଶ ମିନିଟ୍ ମଧ୍ୟରେ ବେଲିଭରି କର୍ମଚାରୀଙ୍କ ଦ୍ୱାରା ସମାନ କିଣିଷଗୁଡ଼ିକ ତାଙ୍କ ଘରେ ପହଞ୍ଚାଇ ଦିଆଯାଇଥିଲା । ଗ୍ରାହକଙ୍କ ଆବଶ୍ୟକତା ଏବଂ ବଡ଼ ଖେଳାଳି ରଣନୀତି : ମୋ ବନ୍ଧୁଙ୍କ କାହାଣୀରୁ ଏହା ଅନୁମାନ କରାଯାଇପାରିବ ଯେ, କେବେ ଶୀଘ୍ର ଅଳ୍ପ ସମୟ ମଧ୍ୟରେ ବଡ଼ ଖେଳାଳିମାନେ ସାଧାରଣ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିପାରିବେ ଏବଂ ତାହା ମଧ୍ୟ ଏକ ତୀବ୍ର ପ୍ରତିଯୋଗିତାମୂଳକ ଯୁଦ୍ଧରେ ସେମାନଙ୍କର ଏକାଧିପତ୍ୟ ବଜାୟ ରଖିପାରିବେ । ଯେତେବେଳେ ଛୋଟ ଉଦ୍ୟୋଗ ସହିତ ବୁଝାମଣାର ଅଧ୍ୟୟନ କରାଯିବ, ସେତେବେଳେ ବଡ଼ ଖେଳାଳିମାନେ ସର୍ବଦା ବଜାରରେ ନେତୃତ୍ୱ ନେବାପାଇଁ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ । କାରଣ, ବଜାରରେ ସେମାନଙ୍କର ଛୋଟ ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ପ୍ରତିଯୋଗିତା କରିବା ସମୟରେ ସେମାନଙ୍କର ବିଶାଳ ଆର୍ଥିକ କ୍ଷତି ସହିବା ପାଇଁ ଆନ୍ତରିକ ଆର୍ଥିକ କ୍ଷମତା ରହିବ । ବଡ଼ ଅନଲାଇନ୍ କମ୍ପାନୀଗୁଡ଼ିକ ବିକ୍ରୟ ସମୟରେ ଗ୍ରାହକମାନଙ୍କୁ ଯେଉଁ ଭାରୀ ରିହାତି ପ୍ରଦାନ କରନ୍ତି, ତାହା ଛୋଟ ପାରମ୍ପରିକ କିରାଣୀ ଦୋକାନ ଦ୍ୱାରା କରାଯାଇପାରିବ ନାହିଁ । କିଛି ବର୍ଷ ପୂର୍ବେ କୋଭିଡ ସମୟରେ ଗ୍ରାହକମାନେ ଭିଡ଼ ବଜାରକୁ ଗଲେ ସଂକ୍ରାମକ ରୋଗ ବ୍ୟାପିବାର ଭୟ ଥିବାରୁ ଅନଲାଇନରେ ଭ୍ରୟ ବୃଦ୍ଧି ପାଇଥିଲା । ସେହି ପରିସ୍ଥିତିରେ ଗ୍ରାହକମାନେ ସତର୍କତାମୂଳକ ପଦକ୍ଷେପ ନେଇ ଘରୋଇ ସାମଗ୍ରୀ ପାଇଁ ସିଧାସଳଖ ଡେଲିଭରି ବୟଙ୍କ ଠାରୁ ଘରକୁ ଅର୍ଡର କରିବାକୁ ପସନ୍ଦ କରୁଥିଲେ । ନୂତନ ସାଧାରଣ ଧାରା : ଧୀରେ ଧୀରେ ଏହି ଅଭ୍ୟାସଗୁଡ଼ିକ ମହାନଗରୀଗୁଡ଼ିକରେ ଜୀବନର ଏକ ଅଂଶ ହୋଇଗଲା । କୋମାଟୋ, ଗ୍ରୋସର୍ସ, ବ୍ଲିଙ୍କିଟ୍, ଆମାଜନ, ଫ୍ଲିପକାର୍ଟ, ରିଲାଏନ୍ସ୍ ଜିଓ, ବିଗ୍ ବାସ୍କେଟ୍, ସ୍ୱିଗି ଏବଂ ଅନ୍ୟାନ୍ୟ ଖେଳାଳିମାନେ ସାରା ଦେଶରେ ଘରେ ଘରେ ପରିଚିତ ହୋଇଗଲେ । ଏହା ବ୍ୟତୀତ, ମହାନଗରୀଗୁଡ଼ିକରେ ବର୍ତ୍ତମାନ ଏହି ମାର୍କେଟିଂ କମ୍ପାନୀଗୁଡ଼ିକର ଲୋକପ୍ରିୟତା ଛୋଟ ସହର ଏବଂ ଡହରୀଲରେ ନିଆଁ ପରି ବ୍ୟାପିଯାଇଛି, ଯାହା ବଢଣ୍ଡି ଧରି ଗ୍ରାହକଙ୍କ ଆବଶ୍ୟକତା ପୂରଣ ପାଇଁ ସହାୟକ ହୋଇଆସୁଥିବା ପାରମ୍ପରିକ ବ୍ୟବସାୟୀଙ୍କ କାର୍ଯ୍ୟରେ ଅସ୍ଥିରତ୍ୱ ବିସ୍ତରରେ ପଶାଇଛି । ଗ୍ରାହକଙ୍କ ଚିନ୍ତିତା ଆବଶ୍ୟକତାକୁ ମିଟାଯାଉ । ବର୍ତମାନ ଏହା ସହଜ ହୋଇଯାଇଛି । ଯଦି ଆପଣ ଆପୋଲା ଫାର୍ମାସି, ଟାଟା୧ ମିଗ୍ରା, ନେଟମେଡ୍, ଫାର୍ମଇଜି, ଟୁମେଡ୍ଜ, ଆମାଜନ ଫାର୍ମାସି, ପ୍ରାଣ୍ଟୋ, ଆମଡ଼ିଜେଲ ଏବଂ ଟେଲୋଡକ୍ ଭଳି ଅନଲାଇନ କମ୍ପାନୀଗୁଡ଼ିକରୁ ଔଷଧ ଅନଲାଇନରେ ଅର୍ଡର କରନ୍ତି, ତେବେ ଏହା ଆପଣଙ୍କ ଦ୍ୱାରରେ ପହଞ୍ଚିଯିବ । ତାହା ମଧ୍ୟ ଏକ ଭଲ ରିହାତି ସହିତ, ଯାହା ଔଷଧ ଦୋକାନଗୁଡ଼ିକ ଗ୍ରାହକମାନଙ୍କୁ ଦିଅନ୍ତି ନାହିଁ । ଭଲୁଖନୀୟ ଭାବରେ ପାଦ ପିଛା ଖେତ୍ରରେ, ପାରମ୍ପରିକ ଏବଂ ବ୍ରାଣ୍ଡେଡ୍ ପ୍ରତିଷ୍ଠିତ କମ୍ପାନୀଗୁଡ଼ିକ ବଡ଼ ବଡ଼ ଦୋକାନଗୁଡ଼ିକରେ ନଜରାମୁକ୍ତ ଭାବରେ ପ୍ରଭାବିତ ହେଉଥିବା ଦେଖାଯାଉଛି । କାରଣ ଅନଲାଇନ୍ ଦୋକାର ଅର୍ଡରଗୁଡ଼ିକ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଅନଲାଇନ୍ ଦୋକାର ଭ୍ରୟ ଗ୍ରାହକମାନଙ୍କୁ ବିଭିନ୍ନ ପ୍ରଚାରର ବିକଳ୍ପ ଚୟନ କରିବା ଏବଂ ଉଚିତ ମୂଲ୍ୟରେ ଖୋଜିବାରେ ସାହାଯ୍ୟ କରୁଛି । ମଧ୍ୟବିତ୍ତ ବର୍ଗର ଆକାଂକ୍ଷା : ଏକ ଦେଶର ଅର୍ଥନୀତି ଗଠନରେ ମଧ୍ୟବିତ୍ତ ବର୍ଗର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର ମନୋଭାବ, ଆଚରଣଗତ ତାରତମ୍ୟ ଏବଂ ଆର୍ଥିକ କ୍ଷମତା ଅନଲାଇନ୍ ବାଣିଜ୍ୟ କମ୍ପାନୀଗୁଡ଼ିକର କାର୍ଯ୍ୟଶୈଳୀକୁ ବହୁତ ଭାବରେ ପ୍ରଭାବିତ କରିଥାଏ । 'ଡିଜିଟାଲ୍ ଅର୍ଥନୀତି' କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ନିରନ୍ତର 'ପ୍ରେରଣାଦାୟକ ଚାପ' ଯୋଗୁଁ ଭାରତୀୟ ଗ୍ରାହକମାନେ ଶୀଘ୍ର ସେମାନଙ୍କର ପରିବାର ବ୍ୟବସ୍ଥାକୁ ପରିଚାଳନା କରିବା ପାଇଁ ଏକ ନୂତନ ଜୀବନଶୈଳୀ ସହିତ ଖାପ ଖୁଆଇବା ପ୍ରକ୍ରିୟା ସହିତ ଅଧ୍ୟସ୍ତ ହୋଇଗଲେ । ଭାରତୀୟ ମଧ୍ୟବିତ୍ତ ବର୍ଗ, ମୁଖ୍ୟତଃ ଯୁବପିଢ଼ି, ଶେଷରେ ଗ୍ରାହକଙ୍କ ପସନ୍ଦକୁ ଏକ ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତି ଭାବରେ ଆଣିଲେ, ଯାହାକୁ ବାଣିଜ୍ୟ କମ୍ପାନୀଗୁଡ଼ିକ ପୂର୍ବରୁ କେବେ ଆକଳନ କିମ୍ବା ବୁଝିପାରିନଥିଲେ । କ୍ଷୁଦ୍ର ବ୍ୟବସାୟୀଙ୍କ ଭବିଷ୍ୟତ : ଏବେ ପ୍ରଶ୍ନ ଉଠୁଛି, ଆମ ଦେଶରେ ପ୍ରତିଷ୍ଠିତ କ୍ଷୁଦ୍ର ବ୍ୟବସାୟୀଙ୍କ ଭବିଷ୍ୟତ କ'ଣ ହେବ ? ମାର୍କେଟିଂର ପାରମ୍ପରିକ ବାଣିଜ୍ୟ ବ୍ୟବସ୍ଥାରେ ନିଶ୍ଚୟହେବେ ଏକ ଅସ୍ଥିରତ୍ୱ ପରିବର୍ତ୍ତନ ଆସିଛି । ଆମର ଗ୍ରାମାଂଚଳ ଏବଂ ଅର୍ଦ୍ଧ-ସହରୀ ଅଂଚଳରେ ଏକ ବିଶାଳ ଜନସଂଖ୍ୟା ରହିଛି ଏବଂ ଜନସଂଖ୍ୟାର ଏକ ବଡ଼ ଅଂଶ ଏବେ ଟେକ୍ନୋଲୋଜି ଜ୍ଞାନୀ ନୁହେଁ, ସେମାନେ ଏପର୍ଯ୍ୟନ୍ତ ଅନଲାଇନ୍ ଭ୍ରୟ ସହିତ ଅଭ୍ୟସ୍ତ ନୁହଁନ୍ତି । ତେଣୁ ବର୍ତ୍ତମାନ ଡିଜିଟାଲ ବାଣିଜ୍ୟ ସତ୍ତ୍ୱେ କ୍ଷୁଦ୍ର ବିକ୍ରେତାମାନେ ଆଗାମୀ ସମୟରେ ସବୁ ପ୍ରକାର ପରିସ୍ଥିତିରେ ମାର୍କେଟିଂ କରିପାରିବେ । ଲାଭ ଏବଂ କ୍ଷତିସୁଖୀ, ବିଶାଳ ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି । ଆମ ଦେଶରେ ସମସ୍ତ କ୍ଷେତ୍ରରେ ସମସ୍ତଙ୍କ ପାଇଁ ଅଭିବୃଦ୍ଧି ଏବଂ ସମୃଦ୍ଧ ହେବାର ଏକ ଆଶାଜନକ ସୁଯୋଗ ରହିଛି । ଏହା ଆମର ଉଦୀୟମାନ ଅର୍ଥନୀତିର ସୌନ୍ଦର୍ଯ୍ୟ ।

ବିକାଶରେ ଦୁର୍ନୀତି ବଡ଼ ବାଧକ, କାଟୁ କରୁନି ଦନ୍ତହୀନ ଆଇନ....

ନିରନ୍ତର ବିକାଶରେ ଦୁର୍ନୀତି ହେଉଛି ବଡ଼ ବାଧକ । ଲାଟ ନବେଳେ ଘୁଣ୍ଟୁନି ସରକାରୀ ଫାଇଲ । ନିଜ ହକ୍ ପାଇବାକୁ ସାଧାରଣ ଲୋକଟିଏ ଲାଟ ଦେଉଛି । ଏହି ମାରାତ୍ମକ ବ୍ୟାଧି ଆମ ସରକାରୀ

୩୦ତମ ଜାତୀୟ ସଡ଼କ ସାଇକ୍ଲିଙ୍ଗ ଚାମ୍ପିଅନସିପ୍–୨୦୨୫ ଉଦ୍‌ଯାପିତ

ସମ୍ବଲପୁର, ୭/୧୨(ନି/ପ୍ର):ଡିସେମ୍ବର ୨ ତାରିଖରୁ ସମ୍ବଲପୁରରେ ଆରମ୍ଭ ହୋଇଥିବା ୩୦ ତମ ଜାତୀୟ ସଡକ ସାଇକ୍ଲିଙ୍ଗ ଚାମ୍ପିଅନସିପ୍–୨୦୨୫ ପ୍ରତିଯୋଗିତା ସଫଳତା ପୂର୍ବକ ଆଜି ଉଦଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସାଇକ୍ଲିଙ୍ଗ ଫେଡେରେସନ୍ ଅଫ୍ ଇଣ୍ଡିଆର ସଚିବ ମନିନ୍ଦର ପାଲ ସିଂହ ଓଡିଶା ସାଇକ୍ଲିଙ୍ଗ ଆସୋସିଏସନର ଅଧ୍ୟକ୍ଷ ମିନତା ମହାପାତ୍ର, ଉତରାଂଚଳ ଆଇନି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷ ପୁରୁଷୋତ୍ତମ ଭାମ୍ରୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରି ପ୍ରମୁଖ ଉପସ୍ଥିତ ଥିଲେ । ଦେଶର ବିଭିନ୍ନ ରାଜ୍ୟରୁ ଯୋଗ ଦେଇଥିବା ଶତାଧିକ ଖେଳାଳିଙ୍କ ମଧ୍ୟରେ ଭାରତୀୟ ସାଇକ୍ଲିଙ୍ଗର ଉତ୍କୃଷ୍ଟ ପ୍ରଦର୍ଶନ ଓ କଠିନ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା । ବିଧାୟକ ଜୟନାରାୟଣ ମିଶ୍ର କ୍ରିଡାବିତ୍‌ମାନଙ୍କୁ ଆଗକୁ ଦୃଢ ମନୋଭାବ ନେଇ ଆହୁରି କଠିନ ପରିଶ୍ରମ କରିବାକୁ ପ୍ରୋତ୍ସାହିତ କରିଥିଲେ । କହିଥିଲେ ଆଗାମୀଦିନରେ ଦିନରେ ଯେପରି ଆମେ ଅଲମ୍ପିକିସରେ ପଦକ ହାସଲ କରିବା, ସେଥିପାଇଁ ପ୍ରଚେଷ୍ଟା କରନ୍ତୁ । ଶେଷରେ ସମସ୍ତ ଖେଳାଳୀଙ୍କୁ ଚାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଏହି ଚାମ୍ପିଅନସିପରେ ରାଜସ୍ଥାନ ଶ୍ରେଷ୍ଠ ପ୍ରଦର୍ଶନ କରି ସର୍ବାଧିକ ୨୧ଟି (ସ୍ୱର୍ଣ୍ଣ ୯, ରୌପ୍ୟ ୯, କାଂସ୍ୟ ୩) ପଦକ ଜିତି ପ୍ରଥମ ସ୍ଥାନ ହାସଲ କରିଛି । ହରିୟାଣା ସର୍ବମୋଟ ୧୧ ଟି (ସ୍ୱର୍ଣ୍ଣ ୪, ରୌପ୍ୟ ୪, କାଂସ୍ୟ ୩), ମହାରାଷ୍ଟ୍ର ସର୍ବମୋଟ ୧୨ ଟି (ସ୍ୱର୍ଣ୍ଣ ୪, ରୌପ୍ୟ ୨, କାଂସ୍ୟ ୬), ଆନ୍ଧ୍ରପ୍ରଦେଶ ସର୍ବମୋଟ ୫ ଟି (ସ୍ୱର୍ଣ୍ଣ ୩, ରୌପ୍ୟ ୧, କାଂସ୍ୟ ୧), କର୍ଣ୍ଣାଟକ ସର୍ବମୋଟ ୯ ଟି (ସ୍ୱର୍ଣ୍ଣ ୨, ରୌପ୍ୟ ୩, କାଂସ୍ୟ ୪), ଦିଲ୍ଲୀ ସର୍ବମୋଟ ୩ ଟି (ସ୍ୱର୍ଣ୍ଣ ୨, କାଂସ୍ୟ ୧), ତାମିଲନାଡୁ ସର୍ବମୋଟ ୭ ଟି (ସ୍ୱର୍ଣ୍ଣ ୧, ରୌପ୍ୟ ୨, କାଂସ୍ୟ ୪) ଓଡିଶା ସର୍ବମୋଟ ୩ ଟି (ରୌପ୍ୟ ୨, କାଂସ୍ୟ ୧), ପଞ୍ଜାବ ସର୍ବମୋଟ ୧ ଟି (ରୌପ୍ୟ ୧), ମଣିପୁର ସର୍ବମୋଟ ୨ ଟି (କାଂସ୍ୟ ୨) ଓ ବିହାର ସର୍ବମୋଟ ରୌପ୍ୟ ରୌପ୍ୟ ପଦକ ହାସଲ କରିବାକୁ ସମର୍ଥ ହୋଇଥିଲା । ଏହି ଚାମ୍ପିଅନସିପରେ ପୁରୁଷ ଏଲିଟ, ମହିଳା ଏଲିଟ, ଜନିଷ୍ଟ, ଉପଜନିଷ୍ଟ,, ୨୩ ବର୍ଷରୁ କମ ବିଭିନ୍ନ ବର୍ଗରେ ମୋଟ ୭୫ଟି ପଦକ ଦିଆଯାଇ ଥିବାବେଳେ, ସେଥିରୁ ୨୫ ଟି ସ୍ୱର୍ଣ୍ଣ, ୨୫ଟି ରୌପ୍ୟ ଓ ୨୫ଟି କାଂସ୍ୟ ପଦକ ବିଭିନ୍ନ ରାଜ୍ୟ ପାଇଛନ୍ତି । ସମ୍ବଲପୁରରେ ଆୟୋଜିତ ୩୦ ତମ ଜାତୀୟ ରୋଡ୍ ସାଇକ୍ଲିଙ୍ଗ ଚାମ୍ପିୟନସିପ୍‌ରେ ବିଭିନ୍ନ ବର୍ଗରେ ସର୍ବାଧିକ ପଦକ ହାସଲ କରି ସର୍ବୋପରି ରାଜସ୍ଥାନ ଶୀର୍ଷ ସ୍ଥାନରେ ରହିଥିବା ବେଳେ ହରିଆଣା ଦ୍ୱିତୀୟ ସ୍ଥାନ ହାସଲ କରିବାରେ ସମର୍ଥ ହୋଇଥିଲା । ପୁରୁଷ ବର୍ଗରେ ଆରଏସପିବି ର ବିଶ୍ୱଜିତ ସିଂହ ୨ ଟି ସ୍ୱର୍ଣ୍ଣ ପଦକ ହାସଲ କରି ସର୍ବଶ୍ରେଷ୍ଠ ପୁରୁଷ ଖେଳାଳି, ସେହିପରି ମହିଳା ବର୍ଗରେ ରାଜସ୍ଥାନର ଅଞ୍ଜଳି ଲାଖର ୩ଟି ସ୍ୱର୍ଣ୍ଣ ପଦକ ହାସଲ କରି ସର୍ବଶ୍ରେଷ୍ଠ ମହିଳା ଖେଳାଳି ଏବଂ ଗୁଜରାଟ୍ ଦଳ ଦେଷ୍ଟ ଫେୟର୍ ପ୍ଲେ ଟ୍ରିମ୍ ଭାବେ ବିବେଚିତ ହୋଇଛନ୍ତି । ଇଲିଟ୍ ପୁରୁଷ ବର୍ଗରେ ଆରଏସପିବି –(ସ୍ୱର୍ଣ୍ଣ ୨ ରୌପ୍ୟ ୧, କାଂସ୍ୟ ୧)ପଦକ ପାଇ ବିଜେତା ହୋଇଥିଲା ବେଳେ କର୍ଣ୍ଣାଟକ ଓ ତାମିଳନାଡୁ (କାଂସ୍ୟ -୧)ପଦକ ପାଇ ମିଳିତ ଭାବେ ଉପବିଜେତା(ରନର୍-ଅପ୍) ହୋଇଛନ୍ତି ।ଇଲିଟ୍ ମହିଳା ବର୍ଗରେ ଆରଏସପିବି –(ସ୍ୱର୍ଣ୍ଣ ୨)ପଦକ ପାଇ ବିଜେତା ହୋଇଥିଲା ବେଳେ ରାଜସ୍ଥାନ (ସ୍ୱର୍ଣ୍ଣ ୧, କାଂସ୍ୟ ୨) ପଦକ ପାଇ ମିଳିତ ଭାବେ ଉପବିଜେତା (ରନର୍-ଅପ୍) ହୋଇଛି । ଜନିଷ୍ଟ (ଜୁନିଅର) ବର୍ଗ ରେ ରାଜସ୍ଥାନ – ବିଜେତା (ସ୍ୱର୍ଣ୍ଣ ୩, କାଂସ୍ୟ ୧)ପଦକ ପାଇ ବିଜେତା ହୋଇଥିଲା ବେଳେ ହରିଆଣା – ରନର୍ (ସ୍ୱର୍ଣ୍ଣ ୧, ରୌପ୍ୟ ୨) ପଦକ ପାଇ ମିଳିତ ଭାବେ ଉପବିଜେତା (ରନର୍-ଅପ୍) ହୋଇଛି ।ଉପଜନିଷ୍ଟ(ସବ୍-ଜୁନିଅର ବର୍ଗ) ରେ ରାଜସ୍ଥାନ – ବିଜେତା (ସ୍ୱର୍ଣ୍ଣ ୪, ରୌପ୍ୟ ୫, କାଂସ୍ୟ ୧)ପଦକ ପାଇ ବିଜେତା ହୋଇଥିଲା ବେଳେ ହରିଆଣା – ରନର୍ (ସ୍ୱର୍ଣ୍ଣ ୩, ରୌପ୍ୟ ୨, କାଂସ୍ୟ ୨)ପଦକ ପାଇ ମିଳିତ ଭାବେ ଉପବିଜେତା (ରନର୍-ଅପ୍) ହୋଇଛି । ସର୍ବୋପରି ଚାମ୍ପିୟନସିପରେ ରାଜସ୍ଥାନ – (ସ୍ୱର୍ଣ୍ଣ ୮, ରୌପ୍ୟ ୯, କାଂସ୍ୟ ୩) ସମଗ୍ର ବିଜେତା ହୋଇଥିଲା ବେଳେ ହରିଆଣା –(ସ୍ୱର୍ଣ୍ଣ ୪, ରୌପ୍ୟ ୪, କାଂସ୍ୟ ୩)ପଦକ ପାଇ ମିଳିତ ଭାବେ ଉପବିଜେତା (ରନର୍-ଅପ୍) ହୋଇଛି । ଓଡିଶା ସର୍ବମୋଟ ୩ ଟି (ରୌପ୍ୟ ୨, କାଂସ୍ୟ ୧) ପଦକ ହାସଲ କରି ଅଷ୍ଟମ ସ୍ଥାନ ରେ ରହିଛି । ଓଡିଶାର ଶାଶ୍ୱତ ସିଂହ ମହିଳା ବ୍ୟକ୍ତିଗତ ୩୦ କିମି ସାଇକ୍ଲିଙ୍ଗ ରେସ ରେ ଏବଂ ମହିଳା ବ୍ୟକ୍ତିଗତ ଏଲିଟ୍ ବର୍ଗର ୩୦ କିମି ସାଇକ୍ଲିଙ୍ଗ ରେସ ରେ ୨ଟି ରୌପ୍ୟ ପଦକ ପାଇଥିଲେ । ସ୍ନେହା ଦାସ, ସମ୍ବିତା ପଣ୍ଡା , ପୁରବାୟୀ ମହାନ୍ତି, ବଳୀୟ ଜନିଷ୍ଟ ବାଳିକା ବର୍ଗ ରେ ୨୦ କିମି ସାଇକ୍ଲିଙ୍ଗ ରେସ ଓଡିଶା ଦଳ ୩୪.୩୯.୧୭୮ ମିନିଟ ସମୟ ନେଇ କାଂସ୍ୟ ପଦକ ହାସଲ କରି ଥିଲେ । ପ୍ରତିଯୋଗିତାର ଶେଷ ଦିନରେ : ଜନିଷ୍ଟ ପୁରୁଷ ବ୍ୟକ୍ତିଗତ ବର୍ଗର ୧୦୦ କିମି, ମହିଳା ବ୍ୟକ୍ତିଗତ ଏଲିଟ ବର୍ଗର ୩୦ କିମି , ପୁରୁଷ ବ୍ୟକ୍ତିଗତ ଏଲିଟ ବର୍ଗର ୫୦ କିମି ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର ଫଳାଫଳ: ଜନିଷ୍ଟ ପୁରୁଷ ବ୍ୟକ୍ତିଗତ ବର୍ଗର ୧୦୦ କିମି ସାଇକ୍ଲିଙ୍ଗ ରେସରେ ମହାରାଷ୍ଟ୍ରର ହରିଶ ବମବାଲେ ସ୍ୱର୍ଣ୍ଣ ପଦକ, ତାମିଲନାଡୁର ସଞ୍ଜୟ ରୌପ୍ୟ ପଦକ, ତାମିଲନାଡୁର ରଞ୍ଜନ ସ୍ୱିଥ ଏ କାଂସ୍ୟ ପଦକ ହାସଲ କରିଛନ୍ତି । ମହିଳା ବ୍ୟକ୍ତିଗତ ଏଲିଟ ବର୍ଗର ୩୦ କିମି ସାଇକ୍ଲିଙ୍ଗ ରେସରେ ଆରଏସପିବିର ସୌମ୍ୟ ଅନୁପୁର ସ୍ୱର୍ଣ୍ଣ ପଦକ, ଓଡିଶାର ଶାଶ୍ୱତୀ ସିଂହ ରୌପ୍ୟ ପଦକ, କର୍ଣ୍ଣାଟକର ଗଙ୍ଗା ଭାନଦିନ୍ କାଂସ୍ୟ ପଦକ ହାସଲ କରିଛନ୍ତି । ପୁରୁଷ ବ୍ୟକ୍ତିଗତ ଏଲିଟ୍ ବର୍ଗର ୫୦ କିମି ସାଇକ୍ଲିଙ୍ଗ ରେସ ରେ ତାମିଲନାଡୁର ଶ୍ରୀନାଥ କଣ୍ଟ୍ରୀକାଡୁ ସ୍ୱର୍ଣ୍ଣ, ପଦକ, ରାଜସ୍ଥାନର ମାନବ ସାରବା ରୌପ୍ୟ ପଦକ, ରାଜସ୍ଥାନର ମହାବୀର ସରନ୍ କାଂସ୍ୟ ପଦକ ହାସଲ କରିଛନ୍ତି । ଆଜିର ଉଦଯାପନୀ ଉତ୍ସବରେ, ସମ୍ବଲପୁର ଜିଲ୍ଲା ପ୍ରଶାସନ ସଂଗଠନ ଦକ୍ଷତା, ସଂଯୋଜନା ଏବଂ ଉଚ୍ଚକୋଟିର ସ୍ୱାଗତ ପାଇଁ ପ୍ରଶଂସିତ ହୋଇଛି । ଏହି ଚାମ୍ପିଅନସିପ୍‌ର ସଫଳ ଆୟୋଜନ, ଓଡିଶାକୁ ଜାତୀୟ କ୍ରୀଡା କେନ୍ଦ୍ର ଭାବରେ ପୁନଃସ୍ଥାପିତ କଲା ଏବଂ ସମ୍ବଲପୁରକୁ ଉଦୀୟମାନ ସାଇକ୍ଲି କ୍ଷେତ୍ରର ମୁଖ୍ୟ କେନ୍ଦ୍ର ଭାବେ ପ୍ରମାଣିତ କରିପାରିଛି ।

୧୩ ଦଫା ଦାବି ନେଇ କଳା ବ୍ୟାଚ୍ ପରିଧାନ କଲେ ଡ଼ାକ୍ତର

ରାଉରକେଲା,୭/୧୨(ନି/ପ୍ର): ରାଉରକେଲାର ଉପଖଣ୍ଡ ଚିକିତ୍ସାଳୟର ସମ୍ମିଳନୀ କକ୍ଷ ପରିସରରେ ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ୍(ଓମସା) ତରଫରୁ ସେମାନଙ୍କ ୧୩ଦଫା ଦାବି ନେଇ ଗତବର୍ଷ ସେପ୍ଟେମ୍ବର ୧୮ ରୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କୁ ଦାବି ପ୍ରଦାନ କରି ଆସୁଅଛି । ତଥାପି ସରକାର କୌଣସି ଠୋସ୍ ପଦକ୍ଷେପ ଗ୍ରହଣ ନ କରିବା ଏହା ଆଦିବାସୀ ବହୁଳ ଜିଲ୍ଲାମୟୂରଭଞ୍ଜ ପାଇଁ ଲଜ୍ଜାଜନକ ଘଟଣା । ଏହାବ୍ୟତୀତ ଡାକ୍ତର ଖାନ ପ୍ରମୁଖ ସମସ୍ୟା ନେଇ ବହୁବାର ଆଲୋଚନା ପରେ ବି ଆଜି ପର୍ଯ୍ୟନ୍ତ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାର ବିଭିନ୍ନ ଦାବି ପୂରଣ କରୁନାହାନ୍ତି ବୋଲି ସିଧାସଳଖ ଉପଖଣ୍ଡ ଓମାସ ସଭାପତି ଡାକ୍ତର ରବୀନ୍ଦ୍ର ନାଥ ହେମ୍ବ୍ରମ ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ । ତେବେ ୫ ଥରରୁ ଅଧିକ ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ସଚିବଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ ସରକାର ଅଣଦେଖା କରୁଛନ୍ତି । ତେଣୁ ଓମସା ରାଜ୍ୟ ଶାଖା ନିଷ୍ପତ୍ତି ନେଇ ଓମସା, ରାଉରକେଲାର ଶାଖା ତରଫରୁ ସ୍ଥାନୀୟ ମୁଖ୍ୟ ଡ଼ାକ୍ତର ରବୀନ୍ଦ୍ରନାଥ ମାରାଣ୍ଡିଙ୍କ ସଭାପତିତ୍ୱରେ ସରକାରଙ୍କୁ ଜଣାଇବା ପାଇଁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଉକ୍ତ ସମ୍ମିଳନୀରେ ଡାକ୍ତର ରବୀନ୍ଦ୍ରନାଥ ମାରାଣ୍ଡି ଗଣମାଧ୍ୟମ କଳିଆର ଦାବି ଗୁଡ଼ିକ ହେଲା କେନ୍ଦ୍ରୀୟ ହାରରେ ସମସ୍ତ ଚିକିତ୍ସକଙ୍କ ସମେତ ଦକ୍ଷ ଚିକିତ୍ସକଙ୍କୁ ଡିଏସିପି ପ୍ରଦାନ, ଓଡ଼ିଶା ମେଡିକାଲ ହାଉସ ସର୍ଭିସ ଏବଂ ଦକ୍ଷ ଚିକିତ୍ସକଙ୍କ କ୍ୟାଡ଼ର ପୁନର୍ବିନ୍ୟାସ, ବିଶେଷଜ୍ଞ ଓ ଡିପ୍ଲୋମାଧାରୀ ବୃଦ୍ଧି କରାଯାଉ, ଓଡ଼ିଶା ସରକାରଙ୍କର ଅନ୍ୟ ପ୍ରଥମ ଶ୍ରେଣୀ କନିଷ୍ଠ ବର୍ଗ(ପ୍ରବେଶ)ଙ୍କ ଭଳି ଦରମା ପଦ୍ଧତି ଏବଂ ଡିଏସିପି ଦରମା ନିର୍ଦ୍ଧାରଣ, ପ୍ରଶାସନିକ ଭତ୍ତା ଏବଂ ଦକ୍ଷ ଚିକିତ୍ସକଙ୍କୁ ବିଶେଷଜ୍ଞ ଭତ୍ତା, ପୋଷ୍ଟମର୍ଟମ ଭତ୍ତା ବୃଦ୍ଧି, ଅଗ୍ରାଧାକାର ଭିତ୍ତିରେ ଡାକ୍ତରୀ ଖାଲି ପଦବି ପୂରଣ କରାଯାଉ ଏବଂ ପ୍ରତିବର୍ଷ ବିଭାଗୀୟ ପଦୋନ୍ନତି କମିଟି ବସି ପଦୋନ୍ନତି କରାଯାଉ, କାର୍ଯ୍ୟରତ ଡାକ୍ତରଙ୍କୁ ସୁରକ୍ଷା, କ୍ୟାପିଟାଲ ହସ୍ପିଟାଲ ସ୍ଥିତାବସ୍ଥା ବଜାୟ ରଖାଯାଉ, ଜେଜିକେ ଅଞ୍ଚଳରେ ୫ ବର୍ଷରୁ ଅଧିକ ଚାକିରି କରିଥିବା ଡାକ୍ତରଙ୍କୁଉପଯୁକ୍ତବର୍ଗ ଜିଲ୍ଲାକୁଆଣିବା ନିଶ୍ଚିତ କରାଯାଉ, ସଙ୍କଟାପୂର୍ଣ୍ଣ ଅବସ୍ଥାରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟ ବୀମା କରାଯାଉ ।

ସମ୍ବଲପୁରରେ ୬୩ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ

ସମ୍ବଲପୁର,୭/୧୨(ନି/ପ୍ର): ଶୁକ୍ରବାର ଦିନ ସମ୍ବଲପୁରର ରିଜର୍ଭ ପୋଲିସ ପରେଡ୍ ଗ୍ରାଉଣ୍ଡରେ ଉତ୍ସାହ ଏବଂ ଦେଶପ୍ରେମର ଉତ୍ସାହ ସହିତ ୬୩ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉତ୍ତର ରେଞ୍ଜ ପୋଲିସ ମହାନିରୀକ୍ଷକ ହିମାଂଶୁ କୁମାର ଲାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷ ତଥା ଗୃହରକ୍ଷୀ କମାଣ୍ଡାଣ୍ଟ ମୁକେଶ କୁମାର ଭାମୁ ସଞ୍ଚାଳିତ ଅତିଥି ଭାବେ ଉପସ୍ଥିତ ଥିଲେ । ଡମ୍ପୀରୀ କମାଣ୍ଡର ଏଚ୍.କି. ଚାପସ କୁମାର ନାୟକ ଏବଂ ପ୍ଲାଟୁନ୍ କମାଣ୍ଡର ଏଚ୍.କି. ଦୁର୍ଗା ମାଝୀଙ୍କ ନେତୃତ୍ୱରେ ୪ ପ୍ଲାଟୁନ୍ ଏବଂ ୯୦ ଜଣ ଗୃହରକ୍ଷୀ ସ୍ୱେଚ୍ଛାସେବକଙ୍କୁ ନେଇ ଏକ ପ୍ରଭାବଶାଳୀ ମାର୍ଚପାଷ୍ଟ ଏବଂ ସାଲ୍ୟୁଟରେ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ପରେଡ୍ ଯାଂଚ କରିଥିଲେ । ସାଲ୍ୟୁଟ୍ ଗ୍ରହଣ କରିଥିଲେ ଏବଂ ସମାବେଶକୁ ସମ୍ବୋଧିତ କରିଥିଲେ । ସେ ଭାରତର ମହାମହିମ ରାଷ୍ଟ୍ରପତି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ଓଡ଼ିଶାର ରାଜ୍ୟପାଳ, ଓଡ଼ିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହ ସଚିବ, ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ, ଏବଂ କମାଣ୍ଡାଣ୍ଟ ଜେନେରାଲ, ଗୃହରକ୍ଷୀ ଏବଂ ଓଡିଶା ଅଗ୍ନିଶମ ସେବାଙ୍କ ବାର୍ତା ପାଠ କରିଥିଲେ । ଏହା ପରେ ମୁଖ୍ୟ ଅତିଥି ଏବଂ ଗୃହରକ୍ଷୀ କମାଣ୍ଡାଣ୍ଟଙ୍କ ଦ୍ୱାରା ୨୦୨୫ ବର୍ଷର ଶ୍ରେଷ୍ଠ ପ୍ରଦର୍ଶନକାରୀମାନଙ୍କୁ ପୁରସ୍କାର ଏବଂ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ପ୍ରାପ୍ତଙ୍କ ମଧ୍ୟରେ ଗୋବିନ୍ଦପୁର ଥାନାର ସଙ୍ଗୀତା ସିଂହ ଠାକୁର(୩୦୦୦), ଟାଉନଥାନାର ବିପୁପାଷ କୁମାର(୩୦୦୦), ଚାପସ କୁମାର ନାୟକ (୩୦୦୦), ମେଜୁଏମ୍ ରେଡ୍ଡି(୩୦୦୦), ବୀଣାପାଣି ସ୍ୱେହା(୩୦୦୦) । କମାଣ୍ଡାଣ୍ଟ ହୋମଗାର୍ଡ ସୁରେଶ କୁମାର ଭାମୁ ବର୍ଷ ମଧ୍ୟରେ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ନିଷ୍ଠାର ପ୍ରଶଂସା କରି ଉପରୋକ୍ତ ପାଂଚଜଣ ପୁରସ୍କାର ପ୍ରାପ୍ତଙ୍କୁ ସ୍ୱତନ୍ତ୍ର ଭାବେ ଅତିରିକ୍ତ ୨ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମଟି ସମ୍ବଲପୁରର ହୋମଗାର୍ଡ ଡେପୁଟି ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଦ୍ୱାରା ପ୍ରସ୍ତାବିତ ଧନ୍ୟବାଦ ପ୍ରସ୍ତାବ ସହିତ ଶେଷ ହୋଇଥିଲା ଏବଂ ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାର ହୋମଗାର୍ଡଙ୍କ ଶୃଙ୍ଖଳା, ପ୍ରତିବଦ୍ଧତା ଏବଂ ପ୍ରସ୍ତୁତିକୁ ପ୍ରଦର୍ଶନ କରାଯାଇଥିଲା ଏବଂ ସମାଜ ଏବଂ ଆଇନ ପ୍ରବର୍ତନ ପ୍ରତି ସେମାନଙ୍କର ମୂଲ୍ୟବାନ ଅବଦାନ ଉପରେ ଆଲୋକପାତ କରାଯାଇଥିଲା ।

ଭବ୍ୟ ସଂଗ୍ରହାଳୟର ରୂପ ପାଇବ ବୀର ସୁରେନ୍ଦ୍ର ସାଏ ଡିଷ୍ଟ୍ରିକ୍ଟ ହଲ୍

ସମ୍ବଲପୁର,୭/୧୨(ନି/ପ୍ର): ପ୍ରାୟ ୨ ହଜାର ବର୍ଷର ପ୍ରାଚୀନ ଇତିହାସ ବହନ କରୁଥିବା ବର୍ତମାନର ସମ୍ବଲପୁର ସହରରେ ୫ଶହ ବର୍ଷର ଐତିହ୍ୟ ରହିଛି । ସମୃଦ୍ଧ ପ୍ରସଙ୍ଗ, ସ୍ଥାପତ୍ୟ, ଅଳଙ୍କାର, ସଂଗ୍ରାମ, ଆଧୁନିକ କାରିଗରୀ କୌଶଳ, ଶିକ୍ଷା, ଶିଳ୍ପ, କଳା ଓ ସଂସ୍କୃତିକୁ ନେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସମ୍ବଲପୁରରେ ସଂଗ୍ରହାଳୟର ପରିକଳ୍ପନା ସାର୍ଥକ ହୋଇପାରି ନାହିଁ । ବର୍ତମାନ ସହରରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଡିଷ୍ଟ୍ରିକ୍ଟ ହଲ୍ ?କୁ ସଂଗ୍ରହାଳୟର ରୂପ ଦେବା ପାଇଁ ସ୍ଥିର କରାଯାଇଛି । ଏଠାରେ ଅଂଚଳର ଐତିହ୍ୟ ଓ ବୈଭବ୍‌ୟକୁ ସଂରକ୍ଷିତ କରାଯାଇ ପ୍ରଦର୍ଶନ କରାଯିବ । ଜିଲ୍ଲାପାଳ ସିଦ୍ଧେଶ୍ୱର ବୋଲିରାମ ବୋନ୍ଦର, ମହାନଗର ନିଗମ କମିଶନର ରେହାନ କ୍ଷେତ୍ରୀ ପ୍ରମୁଖ ଇନ୍‌ଚାର୍ଜର ନିର୍ଦ୍ଦେଶଙ୍କ ସହିତ ଡିଷ୍ଟ୍ରିକ୍ଟ ହଲ୍ ଓ ଏହାର ପରିସର ପରିଦର୍ଶନ କରିଛନ୍ତି । ଏମାନେ ଏହାର ପୁନଃରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହିତ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହିତ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ, ୧୨୦ ବର୍ଷ ପୁରାତନ ଭିକ୍ଟୋରିଆ ଡିଷ୍ଟ୍ରିକ୍ଟ ହଲ ବା ବର୍ତମାନର ବୀର ସୁରେନ୍ଦ୍ର ସାଏ ଟାଉନ୍ ହଲ୍ ନିର୍ମାଣ କରାଯାଇଥିଲା । ଇଣ୍ଡିଏନ୍ ନ୍ୟାସନାଲ ଟ୍ରଷ୍ଟର୍ ଆର୍ଟ ଓ କଲଚରାଲ ହେରିଟେଜ୍ - ଇନ୍‌ଟାକ୍ ପକ୍ଷରୁ ଏଠାରେ ପଶ୍ଚିମଓଡ଼ିଶାର ଜନଜୀବନ, ପରମ୍ପରା ଏବଂ ସଂସ୍କୃତିକୁ ନେଇ ଏକ ସଂଗ୍ରହାଳୟ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଏହି ଭବନର ପୁନଃରୁଦ୍ଧାର ଓ ନବୀକରଣ କାର୍ଯ୍ୟ ସଂପୂର୍ଣ୍ଣ ହେବା ଉତାରୁ ସଂଗ୍ରହାଳୟ ପାଇଁ ପୁରାତନ ସାମଗ୍ରୀ ସଂଗ୍ରହ କରାଯାଉଛି । ଏବେ ଏଠାରେ ସମ୍ବଲପୁରୀ ବାନ୍ଧ ବସ୍ତ୍ର ତିଆରି ପାଇଁ ଦରକାର ହେଉଥିବା ହସ୍ତତନ୍ତ, ପାରମ୍ପାରିକ ଅଳଙ୍କାର, ବାଦ୍ୟଯନ୍ତ୍ର, ସରକରଣା ସାମଗ୍ରୀ, ଲୁପ୍ତପ୍ରାୟ ଖେଳଣା ସାମଗ୍ରୀ, ବସ୍ତ୍ରର ପୁରାତନ ଡିଜାଇନ୍ ସଂଗ୍ରହ କରାଯାଉଛି । ହସ୍ତତନ୍ତକୁ ପ୍ରସ୍ତାବିତ ସଂଗ୍ରହାଳୟରେ ଦଖାଯାଉଛି । ନିଜ ନିଜ ଘରେ ଥିବା ଏହିଭଳି ସାମଗ୍ରୀକୁ ସଂଗ୍ରହାଳୟ ପାଇଁ ପ୍ରଦାନ କରିବାକୁ ସେ ଲୋକମାନଙ୍କୁ ଅନୁରୋଧ କରିଛନ୍ତି । ଆସନ୍ତା ମାସ ଏହି ଭବନକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବ । ଅଂଚଳର ରାଜା, କମିଦାର, ବ୍ୟବସାୟୀ ଏବଂ ଧନାଢ୍ୟ ଲୋକଙ୍କ ଠାରୁ ମିଳିଥିବା ୯,୪୧୭ ଟଙ୍କାରେ ୧୯୦୨ ମସିହାରେ ଏହି ଟାଉନ୍ ହଲ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ୧୯୦୪ରେ ଏହାକୁ ତତ୍କାଳୀନ ଫେଡ଼ାରେଟ ପ୍ରୋଭିନ୍ସର

‘ସାଂସଦ ଖେଳ ମହୋତ୍ସବ’ ପାଇଁ ସାମ୍ବାଦିକ ସମ୍ମିଳନୀ

ରାଉରକେଲା,୭/୧୨(ନି/ପ୍ର): ସମଗ୍ର ଦେଶରେ ପ୍ରତ୍ୟେକ ସଂସଦୀୟ କ୍ଷେତ୍ରରେ କ୍ରୀଡ଼ା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଆଗ୍ରହ କ୍ରମେ ଏହି ଯୋଜନା ‘ସାଂସଦ ଖେଳ ମହୋତ୍ସବ’ ପ୍ରାରମ୍ଭ ହୋଇଛି । ଉକ୍ତ କାର୍ଯ୍ୟକ୍ରମକୁ ରୂପାନ୍ତର କରିବା ପାଇଁ ଆଜି ସୁନ୍ଦରଗଡ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରାଉରକେଲା ଓ ରଘୁନାଥପଲ୍ଲୀ ବିଧାନ ସଭା କ୍ଷେତ୍ରର ଖେଳ ମହୋତ୍ସବ ସଜାଣେ ଏକ ପ୍ରେସ ମୀଟ ସେଷ୍ଟର -୫, ରାଉରକେଲା ସ୍ଥିତ ପାନୁ ନିବାସ ଜନପଥେନ୍ରୁ ହଲରେ ଅନୁଷ୍ଠିତ ହୋଇଥିଲା । ରାଉରକେଲା ସାଙ୍ଗଠନିକ ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଉପସ୍ଥିତ ସାମ୍ବାଦିକ ଭାଇ ଭଉଣୀମାନଙ୍କୁ ସମ୍ବୋଧିତ କରି କହିଲେଯେ ଖେଳ ମାଧ୍ୟମରେ ବୃଣମୂଳ ସ୍ତରରେ ଲୁକ୍କାୟିତ ପ୍ରତିଭା ଚୟନ, ଓ ଯୁବ ନେତୃତ୍ୱକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି ଖେଳ ମହୋତ୍ସବରେ ମୁଖ୍ୟ ଉଦ୍ୟେଶ୍ୟ । ଏହି ଖେଳ ମହୋତ୍ସବ ରାଷ୍ଟ୍ର ପ୍ରେମ ଜାଗୃତି କରିବା ସହିତ ଏକ ସୁସ୍ଥ ସମାଜ ଓ ସୁସ୍ଥ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରିଥିଲେ । ଏହି ପ୍ରତିଯୋଗୀତା ପଚାଂୟତ ସ୍ତରରେ , ବ୍ଲକ ଆରମ୍ଭ ହୋଇ ସାରିଛି ଓ ଏହା ବିଧାନ ସଭା କ୍ଷେତ୍ରର ଚୟନ କରାଯାଇ ଜିଲ୍ଲା ସ୍ତରରେ ପ୍ରତିଭା ମାନେ ଖେଳି ନିଜର ପ୍ରତିଭା ପ୍ରତିପାଦନ କରିପାରିବେ । ଏହି ଖେଳ ରାଉରକେଲା ବିଧାନ ସଭା କ୍ଷେତ୍ରର ଡିସେମ୍ବର ୮ ଓ ୯ ଏବଂ ରଘୁନାଥପଲ୍ଲୀ ବିଧାନ ସଭା କ୍ଷେତ୍ରର ଡିସେମ୍ବର ୧୦ ଓ ୧୧ ତାରିଖରେ ଅନୁଷ୍ଠିତ ହେବ । ଏଥିରେ ୧୨ ରୁ ୧୬ ବର୍ଷ ଓ ୧୭ ରୁ ୨୪ ବର୍ଷ ପୁଅ ଓ ଝିଅ ମାନେ ଅଂଶ ଗ୍ରହଣ କରିବେ । ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରର ସୁନ୍ଦରଗଡ ଠାରେ ଡିସେମ୍ବର ୧୩ ରୁ ୧୬ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ । ଏହି ଖେଳରେ ୧୫ ଟି ଖେଳ ଯଥା ଆଥେଲେଟିକ, ବ୍ୟାଡମିଣ୍ଟନ, ଫୁଟବଲ, ବକ୍ସିଂ, ଜବାଡି, ଖୋଖୋ, ଭଲିବଲ, ହକି, ହେଣ୍ଡ ବଲ, ଆର୍ଚେରୀ , ସାଇକ୍ଲିଙ୍ଗ, ରଙ୍ଗୋଲି, ପୁଟି, ଦଉଡ଼ି ଡିଆ, ଯୋଗ ଆଦି ଖେଳ ରହିଛି । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଏକ ମଶାଲ ଶୋଭାଯାତ୍ରା ବଣାଲ ର ଜୋଇଦା ରୁ ଆରମ୍ଭ ହୋଇଛି ଏହା ଚଳିତ ମାସ ୮ ତାରିଖରେ ରାଉରକେଲା ପହଂଚି ସୁନ୍ଦର ଗଡ ରେ ଡିସେମ୍ବର ୧୩ ତାରିଖରେ ସୁନ୍ଦରଗଡରେ ପହଂଚିବ । ସୁନ୍ଦରଗଡ ଖେଳକ ଏନ୍ତୁଡି ଶାକ ଏହା ଆମ କ୍ଷେତ୍ର ପାଇଁ ଗର୍ବ ଓ ଗୌରବର ସମୟ । ଏଣୁ ଆମେ ସମସ୍ତେ ଏହାକୁ ସଫଳାୟନ କରିବା ପାଇଁ ସମସ୍ତ ସାହାଯ୍ୟ ଓ ସହଯୋଗ କରିବା । ଏହି ମହୋତ୍ସବ ସମସ୍ତଙ୍କର ଏହା କୌଣସି ଦଳର ନୁହ, ଏଣୁ ଦଳ ମତ ନିର୍ବିଶେଷରେ ସମସ୍ତେ ଅଂଶ ଗ୍ରହଣ କରି ପାରିବେ । ରାଉରକେଲା ସଂସୋଜକ ପ୍ରକାଶ ପାଶଓ୍ୱାନ ଓ ରଘୁନାଥପଲ୍ଲୀ ସଂସୋଜକ ମନୋରଞ୍ଜନ ମୁନି ନିଜ କ୍ଷେତ୍ରର ସ୍ଥାନ ଓ ତାରିଖ ଉପରେ ଅବଗତ କରାଇ ଥିଲେ ଆଥେଲେଟିକ, ଜବାଡି, ଯୋଗ, ରୋପ ଜମ୍ପ, ପୁଟି, ରଙ୍ଗୋଲି ଆଦି ଖେଳ ବିର୍ଣ୍ଣା ମୁଣ୍ଡା ଆଥେଲେଟିକ ଷ୍ଟାଡିୟମରେ । ବ୍ୟାଡମିଣ୍ଟନ ଓ ହକି ପାନପୋଷରେ । ଭଲି ବଲ ସେଣ୍ଟର ୨୦ ରାଇଙ୍ଗି ବ୍ଲକ ରେ , ସାଇକ୍ଲିଂ ପାନପୋଷ ରୁ ବିର୍ଣ୍ଣା ମୁଣ୍ଡା ଆଥେଲେଟିକ ଷ୍ଟାଡିୟମ୍ , ବକ୍ସିଂ ସେଣ୍ଟର ୨୦ ରାଉରକେଲା ବ୍ଲକ, ହାଣ୍ଡ ବଲ ଓ ଆର୍ଚେରୀ ବିର୍ଣ୍ଣା ମୁଣ୍ଡା ଆଥେଲେଟିକ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବ । ଖେଳ ପ୍ରତିଦିନ ସକାଳ ୮ ଘଟିକାରୁ ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ । ରାଉରକେଲାରୁ ଅନଲାଇନ ୩୫୦୦ ପଞ୍ଜୀକରଣ କରିଥିବା ବେଳେ ଅଫ ଲାଇନ ରେ ୧୦୦୦ ଓ ରଘୁନାଥପଲ୍ଲୀରୁ ଅନଲାଇନ ରେ ୨୦୧୭ ଓ ଅଫ ଲାଇନରେ ୫୦୦ ପଞ୍ଜୀକରଣ କରିଥିବା ସୂଚନା ଦେଇଥିଲେ । ଅଂଶ ଗ୍ରହଣ କରୁଥିବା ଖେଳାଳି ମାନଙ୍କ ପାଖରେ ଏହି ଖବର ଜିପରି ଭାବରେ ପହଂଚି ପାରିବ ସେଥି ପାଇଁ ମିଡ଼ିଆ ଭାଇ ଓ ଭଉଣୀ ମାନେ ସହୋଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ରାଉରକେଲା ସହ ସଂଯୋଜକ ଲାଖନ ଲୋହାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଆରଏସପିର ଇସ୍ପାତ ସହରାଟଂଳରେ ବିଶାଳ ସଡ଼କ ସୁରକ୍ଷା ଅଭିଯାନ

ରାଉରକେଲା,୭/୧୨(ନି/ପ୍ର):ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ସେଲ୍, ରାଉରକେଲା ଇସ୍ପାତ କାରଖାନା(ଆର ଏସ ପି)ର ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗ ଦ୍ୱାରା ଇସ୍ପାତ ସହରାଟଂଳରେ ନଭେମ୍ବର ୨୯ ତାରିଖରେ ଏକ ବିଶାଳ ସଡକ ସଚେତନତା ଅଭିଯାନ ଆୟୋଜନ କରାଯାଇଥିଲା । ସେଷ୍ଟର-୨୧ ସ୍ଥିତ ଟ୍ରାଫିକ୍ ଚକରେ ଅନୁଷ୍ଠିତ ହୋଇଥିବା ଉକ୍ତ ଅଭିଯାନରେ ବିଭାଗର ପ୍ରାୟ ଏକ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ଠିକା ଶ୍ରମିକ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସହର ଜଂକିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ଶ୍ରୀ ବି. କେ. ଜୋଜୋ ଏବଂ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ଶ୍ରୀ ହୀରାଲାଲ ମହାପାତ୍ର ଏହି ଅଭିଯାନର ନେତୃତ୍ୱ ନେଇଥିଲେ । ଏଥିରେ ଅଂଶଗ୍ରହଣକାରୀମାନେ ଉତ୍ସାହର ସହିତ ସଡ଼କ ସୁରକ୍ଷାର ମହତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଚାର କରୁଥିବା ପ୍ଲାକାର୍ଡ ଧରି ଏକ ସୁବୀର୍ଘ ମାନବ ଶୃଙ୍ଖଳ ଗଠନ କରିଥିଲେ । ଟ୍ରାଫିକ୍ ନିୟମର ସଠିକ ଅନୁପାଳନ କରିବା, ସୁରକ୍ଷିତ ସଡ଼କ ନିୟମାବଳୀ ମାନିବାର ଅଭ୍ୟାସ କରିବା, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା, ଅସୁରକ୍ଷିତ ଓଭରଟେକିଂରୁ ନିବୃତ ରହିବା, ଟ୍ରାଫିକ୍ ସିଗନାଲ ପାଳନ କରିବା, ବିପଦପୂର୍ଣ୍ଣ ଗାଡ଼ି ଚାଳନା ଅଭ୍ୟାସରୁ ଦୂରେଇ ରହିବା ସହିତ ନିର୍ଦ୍ଧାରିତ ଗତି ସୀମା ବଜାୟ ରଖିବା ଭଳି ଅତ୍ୟାବଶ୍ୟକ ବିଷୟଗୁଡ଼ିକ ଗୁରୁତ୍ୱ ଦିଆଯାଇଥିଲା । ସହରାଟଂଳ ବାସିନ୍ଦା ଏବଂ ବାହନ ଚାଳକଙ୍କ ମଧ୍ୟରେ ଦାୟିତ୍ୱପୂର୍ଣ୍ଣ ସଡ଼କ ଅଭ୍ୟାସରୁ ଯୁଦୃଢ଼ କରିବା, ଏକ ସୁରକ୍ଷିତ ଏବଂ ଅଧିକ ଶୃଙ୍ଖଳିତ ସଡ଼କ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏହି ପବକ୍ଷେପର ଲକ୍ଷ୍ୟ ରହିଥିଲା ।



ଭିଏସଏସ୍ ମାର୍କେଟ କ୍ଷେତ୍ର ଠାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଅଛି ଏଥିରେ ଲାୟନ୍ସ କ୍ଲବ ରାଉରକେଲାର ସଭାପତି ଶ୍ରୀ ଦେବବ୍ରତ ମିଶ୍ର, ଅକ୍ଷୟ ଜେନା ଓ ବିଶ୍ୱଜିତ ଦାସଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଛି

ସୀମା ଟପିଲା ଅତ୍ୟାଚାର: ନିଜକୁ ଜାଳିଦେଲେ କଲେଜ ଛାତ୍ରୀ ଅଭିଯୁକ୍ତ ଗିରଫ, ପୁଲିସର ତନାଘନା

ସୁନ୍ଦରଗଡ଼/କୁଚା// ରାଜଗାଙ୍ଗପୁର,୭/୧୨(ନି/ପ୍ର): ଅସହ୍ୟ ହେଲା ଅସାମାଜିକ ଯୁବକର ଉତ୍ପୀଡ଼ନ । ସୀମା ଲଂଘିବାରୁ ଶେଷରେ ନିଜକୁ ଜାଳି ଦେଇଛନ୍ତି ସୁନ୍ଦରଗଡ଼ ଜିଲ୍ଲା କୁଡ଼ା ବ୍ଲକ ଲାଞ୍ଜିଦେର୍ଷୀରେ ରହୁଥିବା ଜଣେ ନାବାଳିକା କଲେଜ ଛାତ୍ରୀ । ସଙ୍କଟାପନ୍ନ ଅବସ୍ଥାରେ ରାଉରକେଲା ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି । ଲାଞ୍ଜିଦେର୍ଷୀ ଗ୍ରାମର ଏହି ୧୭ ବର୍ଷୀୟା ନାବାଳିକା ରାଜଗାଙ୍ଗପୁର ସରକାରୀ ମହାବିଦ୍ୟାଳୟରେ +୩ ପାଠ ପଢୁଥିଲେ । ଗତକାଲି ବିଳମ୍ବିତ ରାତିରେ ଘରେ ଶୋଇଥିବା ବେଳେ ନିଜେ ଦେହରେ ନିଆଁ ଲଗାଇ ଦେଇଥିଲେ । ହୁଡ଼ୁହୁଡ଼ୁ ହୋଇ ଜଳିବାବେଳେ ତାଙ୍କ ପାଟି ଶୁଣି ମା’ ଧାଇଁ ଆସି ଝିଅକୁ ଏକ କମ୍ବଳରେ ଘୋଡ଼ାଇ ନିଆଁକୁ ଆୟତ କରିଥିଲେ । ସେତେବେଳକୁ ଝିଅ ଶରୀରର ୯୦ ପ୍ରତିଶତ ଜଳି ଯାଇଥିଲା । ମୁମୂର୍ଷୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ରାଉରକେଲା ଆଇଜିଏଚ୍‌କୁ ନେଇଥିବାବେଳେ ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ସୂଚନା ମିଳିଛି । ଏହି ଘଟଣାକୁ ପୁଲିସ ଗମ୍ଭୀରତାର ସହ ନେଇଛି । ନିଜେ ସୁନ୍ଦରଗଡ଼ ଏସ୍‌ପି ଚାଲ୍ଡରଖାନା ଓ ଝିଅ ଘରକୁ ଯାଇ ତଦନ୍ତ କରିଛନ୍ତି । ତ୍ୱରିତ କାର୍ଯ୍ୟାନୁଷ୍ଠାନରେ କୁଡ଼ା ଥାନା ଅନ୍ତର୍ଗତ କୁଡ଼ାକଟା ଗ୍ରାମର ନିଲେଶ ସାହୁ (୨୫)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ନିଲେଶ ବିବାହିତ ଏବଂ ବିଭିନ୍ନ ସମୟରେ ଛାତ୍ରୀଙ୍କୁ ହରାଣ କରୁଥିଲା । ଅତ୍ୟାଚାର ସହି ନପାରି ଛାତ୍ରୀଜଣକ ନିଜ ଦେହରେ ନିଆଁ ଲଗାଇ ଜଳି ଯାଇଥିବା ସୁନ୍ଦରଗଡ଼ ଏସ୍‌ପି ଅମିତପାଲ କୌର କହିଛନ୍ତି । ଅଭିଯୁକ୍ତ ଏକତରଫା ପ୍ରେମ କରି ବ୍ଲାକ୍‌ମେଲ୍ କରୁଥିଲା ବି ବୋଲି ପଚାରିବାରୁ ସେ ବିଗରେ ତଦନ୍ତ ଚାଲିଥିବା ଏସ୍‌ପି କହିଛନ୍ତି । ତେବେ ଏହି ଘଟଣାକୁ ନେଇ ପୀଡ଼ିତାଙ୍କ ପରିବାର ଲୋକେ ସାଂଘାତିକ ଅଭିଯୋଗ ଆଣିଛନ୍ତି । ରାତିରେ ଛାତ୍ରୀଙ୍କ ଭାଇ ପାଖକୁ ଫୋନ୍ ? କଲ ଆସିଥିଲା । ଭଉଣୀକୁ ଜାଳି ଦିଆଯିବ ବୋଲି କେହି ଜଣେ ଧମକ ଦେଇଥିବା ଅଭିଯୋଗ କରିଛନ୍ତି ପରିବାର । ପୁଲିସ ସେ ବିଗରେ ମଧ୍ୟ ତଦନ୍ତ ଚଳାଇଥିବା ଏସ୍‌ପି ଶ୍ରୀମତୀ କୌର ଶନିବାର ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସେ କହିଛନ୍ତି ଯେ ଜଣେ ପୁରୁଷ ମାନସିକ ଚାପ ଦେଇଥିବାରୁ ନାବାଳିକା ଜଣକ ଏଭଳି ପନ୍ଥା ଗ୍ରହଣ କଲେ । ଗତକାଲି ବିଳମ୍ବିତ ରାତିରେ ଜିରାସିନି ଢାଳି ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଘଟଣାସ୍ଥଳରେ ଏସ୍‌ପିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଓ ସାଇଟିଂଫିକ୍ ଟିମ୍ ତଦନ୍ତ କରିଥିବାବେଳେ କିଛି ଗୁରୁତ୍ୱପୂର୍ଣ୍ଣ ସୁରାଗ ମିଳିଥିବା ଜଣାଯାଇଛି ।

ଜିଲ୍ଲାପାଳଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟର ସମୀକ୍ଷା

କେନ୍ଦ୍ରାପଡ଼ା, ୭/୧୨(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ଜିଲ୍ଲା ସଚିବଙ୍କ ଲଙ୍ଗାରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜନଶୁଣାଣି, ସରକାରୀ ଜମି ସୁରକ୍ଷା, ଅଙ୍ଗନବାଡି ଏବଂ ବିଦ୍ୟାଳୟ ମାନଙ୍କର ଭିତିଭୂମି ସୁଦୃଢ କରିବା, ବାଡ଼ୟା ଆଶ୍ରୟ ସ୍ଥଳ ମଜାମତି, ଭାଗବତ ଟୁଙ୍ଗି, କୁଳଗରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଜମି ଚିହ୍ନଟ, ଶ୍ରମିକ ପଞ୍ଜିକରଣ, ଶୀତଳ ଭଣ୍ଡାର, ପେଟ୍ରୋ, ମଣ୍ଡୀ ପାଇଁ ଜମି ଏବଂ ବିଭାଗ ବିଭାଗ ମଧ୍ୟରେ ଥିବା ଅନ୍ୟାନ୍ୟ ଜମିଜମା ସଂକ୍ରାନ୍ତୀୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଭିନ୍ନ ସଂକ୍ରାନ୍ତରେ ବିଭାଗ ବିଭାଗ ମଧ୍ୟରେ ଉତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଭାସର ମହାଣ୍ଡି,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକିଶୋର ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ,ଡେପୁଟି କଲେକ୍ଟର ବୃତ୍ତି ମହାଣ୍ଡି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଅମୟ ଦେବେନ ସ୍ୱାଇଁ, ଜିଲ୍ଲା ସଂସ୍କୃତି ଅଧିକାରୀ

ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବିକାଶକୁ ନେଇ ଏହାର ପରିସରରେ ଥିବା ଅସ୍ଥାୟୀ ବଜାରର ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ରାଉରକେଲା,୭/୧୨(ନି/ପ୍ର): ପାନପୋଷ, ସିଭିଲ୍ ଟାଉନସିପ୍, ରାଉରକେଲା ସହର ଏବଂ ସୁନ୍ଦରଗଡ଼ ଜିଲ୍ଲାର ଜନସାଧାରଣଙ୍କ ପକ୍ଷରୁ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ପାନପୋଷ ଅସ୍ଥାୟୀ ମାର୍କେଟ ପୁରୁଣା ଟିଣ ସେଡ଼କୁ ରାଉରକେଲା ମହାନଗର ନିଗମ ଦ୍ୱାରା ବଜାର ଉଦ୍ଦେଶ୍ୟରେ ନିଲାମ ଆମନ୍ତ୍ରଣ କରାଯାଇଛି । ଜିଲ୍ଲୁ ପ୍ରସ୍ତାବିତ ବଜାରର ସ୍ଥାନ ରାଉରକେଲାର ପ୍ରତିଷ୍ଠିତ ପ୍ରତିଷ୍ଠାନ ଅର୍ଥାତ୍ ବିଶ୍ୱବିଦ୍ୟାଳୟ ଭାବରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅବସ୍ଥିତ ଥିବାରୁ ସେଠାରେ ହଜାର ହଜାର ଛାତ୍ରଛାତ୍ରୀ ଜଳ ଶିକ୍ଷା ଗ୍ରହଣ କରୁଛନ୍ତି । ସ୍ୱୟଂଶାସିତ ମହାବିଦ୍ୟାଳୟର ଭବିଷ୍ୟତ ଓ ବିକାଶକୁ ବିଚାରକୁ ନେଇ, ବର୍ତ୍ତମାନ ନିଲାମ ପାଇଁ ପ୍ରସ୍ତାବିତ ଜମି ମହାବିଦ୍ୟାଳୟର ଭିତିଭୂମି ବିକାଶ ପାଇଁ ଅଳ୍ପ ଦିନ ମଧ୍ୟରେ ମହାବିଦ୍ୟାଳୟକୁ ସମ୍ପୃସାରଣ ପାଇଁ ସମ୍ଭାବନା ରହିଛି ବୋଲି ସହର ଜନସାଧାରଣଙ୍କ ପକ୍ଷରୁ ସୁନ୍ଦରଗଡ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବିକାଶକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କୁ ସହାନୁଭୂତି ସହକାରେ ବିଚାର କରିବାକୁ ରାଉରକେଲା ଜନସାଧାରଣଙ୍କ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ସ୍ମାରକପତ୍ରରେ ରାଉରକେଲା ସହରର ଚଂଳନ କୁମାର ସାହୁ, ଜୟବୀର ମିଶ୍ର, ଏସ୍ ତି କିଶୋର ଖାଲକୋ, ଆର କେ ନାୟକ, କୃଷ୍ଣ ଚନ୍ଦ୍ର ପଟ୍ଟନାୟକ, ନିତ୍ୟାନନ୍ଦ ପଟ୍ଟନାୟକ, ଶରତ କୁମାର ଲେଙ୍କା, ରାମନାଥ ଲେଙ୍କା, ଅଖିଳ ଦାଶ, ସଂଜୀତ କୁମାର ସ୍ୱାଇଁ, ଜଗବୀଶ କୁମାର, ତ୍ରିଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଇସ୍ପାତ ନାଟ୍ୟ ମହୋତ୍ସବର ପଟଂମ ସନ୍ଧ୍ୟା

ପଟଂମ ସନ୍ଧ୍ୟାରେ ଦୁଇଟି ନାଟକ ଅବ୍ୟକ୍ତ ଅନେକ ଓ କାଟିଂ ଅଭିଯାନ ମଟଂସ୍ଥ

ରାଉରକେଲା, ୭/୧୨(ନି/ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାରଙ୍କ ପୃଷ୍ଠପୋଷାକତା ଏବଂ ଆରଏସପି ଆନୁକୂଲ୍ୟରେ ଏକତ୍ର ରାଉରକେଲା ଦ୍ୱାରା ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବ ପଟଂମ ସନ୍ଧ୍ୟାରେ ସ୍ଥାନୀୟ ସିଭିକ ସେଟର ଠାରେ ନଟରାଜ ନୃତ୍ୟ ନାଟ୍ୟାନୁଷ୍ଠାନ ଚରପଟ୍ଟ ଅବ୍ୟକ୍ତ ଅନେକ ନାଟକ ମଟଂସ୍ଥ ହୋଇଯାଇଛି । ନାଟକଟି ଏହିପରି, ଅଧାପକ ସୁତନୁ ନୂଆ ଲେଖକ ହେଲେବି ତାଙ୍କର ବିଶ୍ୱାସ ଦିନେନା ଦିନେ ତାଙ୍କ ଲେଖା ତାଙ୍କର ପ୍ରକାଶିତ ହୋଇ ତାଙ୍କୁ ସମ୍ମାନ ଦେବ । ତେବେ ଦିନେ ସୁତନୁ ଙ୍କ ପାଖକୁ ଚିଠି ଆସିଲା,ଚିଠି ପାଇଲା ପରେ ସୁତନୁ କଣ ନିଷ୍ପତ୍ତି ନେଲେ ତାହାକୁ ନେଇ ଗତିଶୀଳ ହୋଇଛି ନାଟକ ଅବ୍ୟକ୍ତ ଅନେକ । ଏଥିରେ ନୀଳାଦ୍ରି ଭୂଷଣ ହରିଚନ୍ଦନ ନାଟ୍ୟକାର, ପ୍ରବୀର କୁମାର ଜେନା ନିର୍ଦ୍ଦେଶକ,ସାର ଶୁଭମ ଜ୍ୟୋତି ଜେନା ସଂଗୀତ, ଅଞ୍ଜଳି ଜେନା ରୂପସଜ୍ଜା ଦାୟିତ୍ୱ ନିର୍ବାହ କରିଥିଲେ । ଏଥିରେ ପ୍ରଜ୍ଞାନନ୍ଦ ମହାଣ୍ଡି,କମଳ ଲୋଚନ ଗାଣ୍ଡୁ, ପ୍ରବୀର କୁମାର ଦାଶ,ସୁଲିପ୍ତା ଜେନା ଅଭିନୟ କରିଥିଲେ । ସେହିପରି ନାଟ୍ୟାନୁଷ୍ଠାନ ମହୁମାଛି ଚରପଟ୍ଟୁ ଜାତି ଅଭିଯାନ ନାଟକ ମଟଂସ୍ଥ ହୋଇଯାଇଛି । ପୁରୀ ରାଜା ପୁରୁଷୋତ୍ତମ ଦେବ ନିଜ କନ୍ୟା ପଦ୍ମାବତୀ ସହ ଶାଲ୍ୱ ନରସିଂହ ବିବାହ ପ୍ରସ୍ତାବ ରଖନ୍ତି । ମାତ୍ର ଶାଲ୍ୱ ନରସିଂହ ପୁରୁଷୋତ୍ତମ ଦେବ ଜଗନ୍ନାଥଙ୍କ ଚରଣରେ ଝାଡ଼ୁ କରୁଥିବାରୁ ତାଙ୍କ ଝିଅ ଝୁ ବାହାହେବାକୁ ମନା କରନ୍ତି । ଏଥିରେ ପୁରୁଷୋତ୍ତମ ଦେବ ବଡ଼ଠାକୁରଙ୍କ ଶରଣ ଓ ଆଶିର୍ବାଦ ନେଇ ଜାତି ଅଭିଯାନ ରେ ଯାଇ ସେଠାରେ ବିଜୟ ଲାଭ କରି ପଦ୍ମାବତୀ କୁ ଆଣି ମହାମନ୍ତ୍ରୀଙ୍କୁ ଦେଇ ଏକ ଚକ୍ରାନ୍ତ ଦେଖି ବାହାରକ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତି । ସମୟ ବିତେ, ପୁଣି ରଥଯାତ୍ରାରେ ରାଜ ପୁରୁଷୋତ୍ତମ ଛେରା ପହଁରା କରୁଥିବା ବେଳେ ମହାମନ୍ତ୍ରୀ ପଦ୍ମାବତୀ ଆଣି ତାଙ୍କୁ ରାଜାଙ୍କ ସହ ବିବାହ କରିଦିଅନ୍ତି । ମହାମନ୍ତ୍ରୀ କୁହନ୍ତି ଜଣେ ରାଜକୁମାରୀ ପାଇଁ ଆପଣ ହେଉଛନ୍ତି ସୁଯୋଗ୍ୟ ଚଣ୍ଡାଳ । ଏହି ଭଳି ଭାବେ ଗତିଶୀଳ ହୋଇଛି ନାଟକ ଜାତି ଅଭିଯାନ । ସଙ୍ଗୀତ ଭୋଜ ନାଟ୍ୟକାର,ଆଲୋକ ବୋଷ ସଂଯୋଜକ, ନାଟ୍ୟ ନିର୍ଦ୍ଦେଶନା ଓ ସଂଗୀତ ନିର୍ଦ୍ଦେଶନା ନରସିଂହ ପାଣିଗ୍ରାହୀ ଓ ସଙ୍ଗୀତ ସହଯୋଗୀ ଭାବେ କୃଷ୍ଣଚନ୍ଦ୍ର ପତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ । ଏଥିରେ ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ମହାନ୍ତି ମୁଖ